୬ ▶ କୋଲକାତାକୁ ଷଷ୍ଠ ପରାଜୟ ପରେ ପ୍ରଥମ ଥର ମିଳିଲା ବିଜୟର ସ୍ୱାଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ଓଡ଼ିଶା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୮୦ ● ୨୦ ଅପ୍ରେଲ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-80 ● 20th April 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବାରେ

## ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ

ଭୁବନେଶ୍ୱର, ୧୯।୪
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଇନଫୋଭ୍ୟାଲି ଠାରେ ରବିବାର ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି ଚିପ୍ ପ୍ୟାକେଜିଂ ୟୁନିଟ ପାଇଁ ଶିଳାନ୍ୟାସ କରାଯାଇଛି । ଦେଶର ସେମିକଣ୍ଡକ୍ଟର ଉତ୍ପାଦନ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ହେଟେରେଜେନସ୍ ଇଣ୍ଟିଗ୍ରେସନ୍ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଭାରତର ପ୍ରଥମ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ ପାଇଁ ଶିଳାନ୍ୟାସ ସହିତ ବିଶ୍ୱର ସବୁଠୁ ଆଧୁନିକ ଚିପ୍ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟା ଓଡ଼ିଶା ମାଟିରେ ବିକଶିତ ହେବାକୁ ଯାଉଛି।




ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଶିଳାନ୍ୟାସ ହୋଇଥିବା ପ୍ରକଳ୍ପକୁ ରାଜ୍ୟ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଅଭିହିତ କରିଥିଲେ । କେବଳ ଓଡ଼ିଶା ନୁହେଁ ଦେଶରେ ପ୍ରଥମ ଥର ପାଇଁ ଏକ ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରକଳ୍ପ ସ୍ଥାପନ ହେବା ଗୌରବର ବିଷୟ । ଇଣ୍ଟେଲ୍, ଲକ୍‌ହିଡ୍ ମାର୍ଟିନ୍ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଭଳି ଅଗ୍ରଣୀ ସଂସ୍ଥା ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ରହିଛନ୍ତି । ସେମାନେ ଓଡ଼ିଶାକୁ ନିଜ ପସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳୀ ରୂପେ ବାଛିବା ଖୁସିର ବିଷୟ । ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ନିର୍ମାଣ (ପୃଷ୍ଠା ୭ରେ)

## ତାମିଲନାଡୁ ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ: ୧୮ ମୃତ

ଚେନ୍ନାଇ, ୧୯।୪

ତାମିଲନାଡୁର ବିରୁଧୁନଗର ଜିଲ୍ଲାର ଏକ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ୧୮ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଜିଲ୍ଲାର କଟ୍ଟାନାରପଟ୍ଟି ଗାଁର ଏକ ବାଣ ତିଆରି ୟୁନିଟରେ ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିସ୍ଫୋରଣ ଯୋଗୁଁ ଭୟଙ୍କର ଭାବେ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ବିସ୍ଫୋରଣ ବେଳେ ୩୦ ଜଣ ଲୋକ ଫ୍ୟାକ୍ଟ୍ରି ଭିତରେ ଥିଲେ। ୬ ଜଣ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଠଟି ମୃତଦେହ ଉଦ୍ଧାର କରାଯାଇଥିବାବେଳେ ବିଳମ୍ବିତ ରାତ୍ର ସୁଦ୍ଧା ଉଦ୍ଧାରକାର୍ଯ୍ୟ ଚାଲିଥିବା କର୍ତ୍ତୃପକ୍ଷ କହିଛନ୍ତି।

ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ନିଆଁ ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଏହି ଘଟଣାରେ ଶୋକବ୍ୟକ୍ତ କରିବା ସହିତ ଆହତଙ୍କୁ ସମସ୍ତ



ପ୍ରକାର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାଲିନ୍ 'ଏକ୍ସ'ରେ ଏକ ପୋଷ୍ଟ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ବିରୁଧୁନଗରରେ ଅନେକ ବାଣ କାରଖାନା ଥିବାବେଳେ ଅତୀତରେ ମଧ୍ୟ ଏହିପରି ଦୁର୍ଘଟଣା ଘଟି ଅନେକ ଲୋକ ମୃତାହତ ହୋଇଥିବା ଦେଖାଯାଇଛି। ଚଳିତ ବର୍ଷ ଏପ୍ରିଲ ୧୩ ତାରିଖରେ ମଧ୍ୟ ଜିଲ୍ଲାର ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟିଥିଲା। ୨୦୨୪ ମସିହା ଫେବ୍ରୁୟାରୀ ୧୭ ତାରିଖରେ ଜିଲ୍ଲାର ଏହିପରି ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୭ ଜଣ ଆହତ ହୋଇଥିଲେ। ସେହିବର୍ଷ ଜୁନ୍‌ରେ ଅନ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣଙ୍କର ମୃତ୍ୟୁ ଓ ଜଣେ ଆହତ ହୋଇଥିଲେ।

## ପୁରୀରେ ଆୟୋଜିତ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର, ୧୯।୪
ନ୍ୟୁଜ୍ ବ୍ୟୁରୋ

ଆଗାମୀ ୨୧ ତାରିଖ ଦିନ ପୁରୀଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ । ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେଓ୍ୱକରଙ୍କ ଅଧ୍ୟକ୍ଷତା ଓ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଓ ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ ।

ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଓଡ଼ିଶାରେ ରେଳ ଢାଞ୍ଚାର ବିକାଶ କାର୍ଯ୍ୟର ସମୀକ୍ଷା କଲେ ରେଳମନ୍ତ୍ରୀ

ଭୁବନେଶ୍ୱର, ୧୯।୪
ନ୍ୟୁଜ୍ ବ୍ୟୁରୋ

ଭାରତ ସରକାରଙ୍କ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ରାଜ୍ୟରେ ରେଳ ସଂଯୋଗ ବିସ୍ତାର ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା (ପୃଷ୍ଠା ୭ରେ)



### ଓଡ଼ିଶା ଗସ୍ତରେ ଦଶଟି ଦେଶର ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏନ୍ସର

## ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଆତିଥେୟତାରେ ଅଭିଭୂତ

ଭୁବନେଶ୍ୱର, ୧୯।୪
ନ୍ୟୁଜ୍ ବ୍ୟୁରୋ

ଭୂଟାନ, କାମ୍ବୋଡ଼ିଆ, ଲାଓସ୍, ମାଲେସିଆ, ମଙ୍ଗୋଲିଆ, ମ୍ୟାନ୍‌ମାର, ନେପାଳ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତନାମ୍‌ରୁ ଏକ ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏସର ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତମ ସମନ୍ୱୟରେ ଏହି ଗସ୍ତ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି ।

ଏହି ଦଳରେ ଟ୍ରାଭେଲ ବ୍ଲଗ୍, ଖାଦ୍ୟ ଓ ଲାଇଫ୍ ଷ୍ଟାଇଲ୍ ଇନ୍‌ଫ୍ଲୁଏନ୍ସର, ୱେଲନେସ୍ ବ୍ଲଗର, ଐତିହ୍ୟ ଅନୁସନ୍ଧାନକାରୀ ଏବଂ ଡକ୍ୟୁମେଣ୍ଟାରୀ ନିର୍ମାତାମାନେ ସାମିଲ ଥିଲେ। ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହିତ ରାଜ୍ୟର ଉନ୍ନତି ଓ ପ୍ରଗତିମୂଳକ ପ୍ରୟାସଗୁଡ଼ିକୁ ଅତି ନିକଟରୁ ପରଖିବା ସହ ଅନୁଭବ କରିବାର ସୁଯୋଗ ଲାଭ କରିଥିଲେ । ଦଳର ସଦସ୍ୟମାନେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରି ପ୍ରାଚୀନ କଳିଙ୍ଗ ଇତିହାସ, ଜୈନ ଧର୍ମର ମହାନ ପରମ୍ପରା ଓ ଏହାର ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ । ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ସେଠାରେ ନିର୍ମାଣ ଓ ପ୍ରଯୁକ୍ତି ବିଦ୍ୟା, ମେକାଟ୍ରୋନିକ୍ସ (ପୃଷ୍ଠା ୭ରେ)

## ସଂସଦରେ ମହିଳାଙ୍କ ଅଧିକାରକୁ ବାଧା ଦେଉଛି ଟିଏମସି

ନୂଆଦିଲ୍ଲୀ, ୧୯।୪

ନିର୍ବାଚନୀ ଲଢ଼େଇ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ପଶ୍ଚିମବଙ୍ଗର ବାଙ୍କୁଡ଼ାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି। ସେ ଟିଏମସି ଦଳକୁ ଟାର୍ଗେଟ କରି କହିଛନ୍ତି ଯେ "ନିର୍ଦ୍ଦୟ ସରକାର" ବିରୁଦ୍ଧରେ ଲୋକଙ୍କ କ୍ରୋଧ ତୀବ୍ର ହେବାରେ ଯାଉଛି। ବିଜେପି ମହିଳା ସଶକ୍ତିକରଣ, ସେମାନଙ୍କର ସୁରକ୍ଷା ର ସମର୍ଥକ। ଦେଶର ବିକାଶ ସୁନିଶ୍ଚିତ କରିବା ପାଇଁ, ଆମେ ଚାହୁଁଛୁ ଯେ ଅଧିକ ମହିଳା ରାଜନୀତିରେ ଯୋଗ ଦିଅନ୍ତୁ। ୨୦୨୯ ମସିହାରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନ ହେବା ପାଇଁ ଟିଏମସି କଂଗ୍ରେସ ସହିତ ଷଡ଼ଯନ୍ତ୍ର କରିଥିଲା। ସେ କହିଛନ୍ତି ଯେ ଟିଏମସି ଏବଂ କଂଗ୍ରେସ ଉଭୟ ଆଦିବାସୀ ବିରୋଧୀ ଏବଂ ରାଷ୍ଟ୍ରପତି ନିର୍ବାଚନ ସମୟରେ ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

### ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବ

## ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

କଟକ, ୧୯।୪ : ନ୍ୟୁଜ୍ ବ୍ୟୁରୋ

ଏହି ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ଅଞ୍ଚଳର ସାମାଜିକ ଓ ବୌଦ୍ଧିକ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ବୋଲି କଟକ ଜିଲ୍ଲାର ସୁନ୍ଦରଗ୍ରାମରେ ଅବସ୍ଥିତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟର ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି, ୭୫ ବର୍ଷର ସଫଳ ଯାତ୍ରା କୌଣସି ସଂସ୍ଥା ପାଇଁ ଅପୂର୍ବ ସଫଳତା ଅଟେ ଏବଂ ଏହା ପଛରେ ଅନେକ ଶିକ୍ଷାନୁରାଗୀ ଓ ତ୍ୟାଗୀ ବ୍ୟକ୍ତିଙ୍କ ଅବଦାନ ରହିଛି। ସେ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଉନ୍ନତିରେ ଅବଦାନ ରଖିଥିବା ସମସ୍ତଙ୍କୁ ସମ୍ମାନ ଜଣାଇଥିଲେ। ସେ କହିଥିଲେ ଯେ, ସାଢେ ସାତ ଦଶନ୍ଧି (ପୃଷ୍ଠା ୭ରେ)

## ଇଟାଲୀରେ ୨ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା

ରୋମ, ୧୯।୪

ଇଟାଲୀର ବେର୍ଗାମୋ ପ୍ରଦେଶର କୋଭୋରେ ଦୁଇ ଜଣ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ରବିବାର ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି। ରିପୋର୍ଟ ଅନୁଯାୟୀ, ଶୁକ୍ରବାର ମଧ୍ୟରାତ୍ରିର କିଛି ମିନିଟ୍ ପୂର୍ବରୁ ସହରର ଶିଳ୍ପାଞ୍ଚଳରେ ଥିବା (ପୃଷ୍ଠା ୭ରେ)

## ଭାରତରେ ପହଁଞ୍ଚିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୯।୪

ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ-ମ୍ୟୁଙ୍ଗଙ୍କ ଭାରତ ଆଗମନ ସହିତ ଭାରତ-କୋରିଆ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆଣିଛି। ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ଏବଂ ଏହାକୁ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସଓ୍ୱାଲ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଏହି ଗସ୍ତ (ପୃଷ୍ଠା ୭ରେ)

## ଆକାଶରୁ ବର୍ଷୁଛି ନିଆଁ : ୭ ଦିନ ଯାଏଁ ତାତିରୁ ନାହିଁ ନିସ୍ତାର

ଭୁବନେଶ୍ୱର, ୧୯।୪ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟବ୍ୟାପି ଚିନ୍ତା ବଢ଼ାଉଛି ତାତି। କାରଣ ଆକାଶରୁ ଖରା ତ ନୁହେଁ ବରଂ ନିଆଁ ଖସୁଛି। ପଶ୍ଚିମରୁ ଉପକୂଳ, ସବୁଠି ପାରଦ ଉପରମୁହାଁ। ଏଭଳି ଗ୍ରୀଷ୍ମ ପ୍ରବାହକୁ ଦେଖି ଆସନ୍ତା ୨୩ ଯାଏଁ ପଶ୍ଚିମ ଓଡ଼ିଶାକୁ ହିଟ୍ ୱେଭ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ୩ ଦିନ ପାଇଁ ଉପକୂଳ ଓଡ଼ିଶାକୁ ଅସହ୍ୟ ଗୁଳୁଗୁଳି ପାଇଁ ପାଣିପାଗ ବିଭାଗ ଆଲର୍ଟ କରିଛି। ଏଭଳି ସ୍ଥିତିରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ରବିବାର ସୁଦ୍ଧା ୧୧ଟି ଜିଲ୍ଲାରେ ସାମୟିକ ସ୍କୁଲ ଛୁଟି ଘୋଷଣା କରିଛନ୍ତି ସ୍ଥାନୀୟ ଜିଲ୍ଲାପାଳ।

ରାଜ୍ୟରେ ଅସହ୍ୟ ଗରମ ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ଛୁଟି ହେଉଛି ସ୍କୁଲ। କୋମଳମତି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏପର୍ଯ୍ୟନ୍ତ ୧୧ଟି ଜିଲ୍ଲାରେ ଜିଲ୍ଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ସେସବୁ ଜିଲ୍ଲା ହେଉଛି ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, ବୌଦ୍ଧ, ମୟୂରଭଞ୍ଜ, ଦେବଗଡ଼ ଏବଂ ଖୋର୍ଦ୍ଧା। (ପୃଷ୍ଠା ୭ରେ)

## ଇରାନକୁ ଟ୍ରମ୍ପଙ୍କ ଅନ୍ତିମ ଚେତାବନୀ:ସର୍ତ୍ତ ମାନିବା ପାଇଁ ଶେଷ ସୁଯୋଗ



ୱାଶିଂଟନ, ୧୯।୪

ଯଦି ଇରାନ ୟୁରାନିୟମ ସମୃଦ୍ଧୀକରଣ ଏବଂ ସାମୁଦ୍ରିକ ନିୟନ୍ତ୍ରଣ ଉପରେ ଆମେରିକାର ସର୍ତ୍ତ ମାନିବାକୁ ମନା କରେ, ତେବେ ଆମେରିକା ଆଲୋଚନାରୁ ଆକ୍ରମଣକୁ ଓହ୍ଲାଇବ ଏବଂ ଇରାନ ଏହାର ଭୟାନକ ପରିଣତି ଭୋଗିବାକୁ ବାଧ୍ୟ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ସର୍ତ୍ତମାନିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହିଁ ଇରାନ ପାଇଁ ଶେଷ ସୁଯୋଗ। ଇସଲାମାବାଦରେ ଚାଲିଥିବା ବର୍ତ୍ତମାନର କୂଟନୈତିକ ପ୍ରୟାସ ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଦେଇଛି। ହ୍ୱାଇଟ୍ ହାଉସ୍ ପାରମ୍ପରିକ କୂଟନୀତିର ସୀମା ପାର କରିସାରିଛି ବୋଲି ରବିବାର ଇରାନକୁ ସଙ୍କେତ ଦେଇଛି ଏବଂ ବୁଧବାର ସୁଦ୍ଧା ଚୁକ୍ତିରେ ପହଞ୍ଚିବାକୁ ଇରାନ ବାଧ୍ୟ ବୋଲି ଟ୍ରମ୍ପଙ୍କ ବୟାନ ପୁଣି ଉତ୍ତେଜନା ବଢ଼ାଇ ଦେଇଛି। ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକୋଫ୍ ଏବଂ ଜାରେଡ୍ କୁଶନରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧି (ପୃଷ୍ଠା ୭ରେ)

15001/21/2627



### ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0021



# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ : ମୁଗ, ବିରି ଓ ଚିନାବାଦାମର ଦର ଧାର୍ଯ୍ୟ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍ର ଆଂଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ସମସ୍ତ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରୟରୁ ବଂଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟ ଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବ। ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିମାନଙ୍କ ପ୍ରାଦୁର୍ଭାବ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଚାଷୀଙ୍କୁ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତା ଯାଂଚ୍ କରିବାକୁ ଦାୟିତ୍ୱ ଦିଆଯାଇଛି। ସାମଗ୍ରିକ ଭାବେ ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ସୁବିଧାରେ ଚାଷୀମାନେ ନିଜର ଶସ୍ୟ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ଆମେ -୮୦ ପକ୍ଷରୁ ଜଳସେବା ଶୁଭାରମ୍ଭ

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦା ମ୍ୟୁନିସିପାଲିଟୀ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ରାଉତ, ଆମେ ୮୦ ସଦସ୍ୟ ତଥା ଜିଲ୍ଲା ଓକିଲ ସଂଘ ସଭାପତି ଜ୍ୟୋତି ପ୍ରକାଶ ରଥ, ଆମେ ୮୦ର ସଭ୍ୟ ସମାଜସେବୀ ଗିରିଶ ଚନ୍ଦ୍ର ଦାସ ଏହି କାର୍ଯ୍ୟ କ୍ରମକୁ ଉଦଘାଟନ କରିଥିଲେ।ମହାବିଷୁବ ସଂକ୍ରାନ୍ତି ଏପ୍ରିଲ ୧୪ ରୁ ଆରମ୍ଭ ହୋଇ ଜୁନ ୧୪ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ୬୦ ଦିନ ଧରି ପ୍ରଚଣ୍ଡ ଖରା ସମୟରେ ବାରିପଦା ସହରର ମୁଖ୍ୟ ରାସ୍ତାରେ ପୂର୍ତ୍ତ ବିଭାଗ ଅଫିସ ସାମନାରେ ୨୦୧୪ ମସିହାରୁ ଏହି ଜଳସେବା ଚାଲି ଆସୁଅଛି। ପ୍ରତେକ ଦିନ ଖରା ସମୟରେ ୨୦୦୦ରୁ ଅଧିକ ଲୋକ ସୁସ୍ୱାଦୁ ଦହିପାଣି, ଜଳଜିରା ପାଣି ଓ ରସନା ପାଣି ସେବନ କରି ଏହି ଜଳସେବାର ଲାଭ ଉଠାଇଥାନ୍ତି। ଏକ ସୁନ୍ଦର ସ୍ୱାସ୍ଥ୍ୟ କର ପରିବେଶରେ ପ୍ଲାଷ୍ଟିକ ଗ୍ଲାସ୍ ପରିବର୍ତ୍ତେ କାଗଜ ଗ୍ଲାସ ବ୍ୟବହାର କରି ଏହା ସମାଜକୁ ପରିବେଶ ସୁରକ୍ଷାର ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିପାରିଛନ୍ତି। ଏହି ଜଳସେବା ୧୯୮୦ ମାଟ୍ରିକ ବ୍ୟାଚ୍ର ବନ୍ଧୁ ମାନଙ୍କ ମିଳିତ ପ୍ରୟାସରେ ସଫଳ ହୋଇଆସୁଅଛି।ଆଜିର ଏହି କାର୍ଯ୍ୟକ୍ରମରେ ଆମେ ୮୦ର ସଦସ୍ୟ ମାନେ ମିଳିତ ଭାବେ ପରିଚାଳନା କରିଥିଲେ। ଏହି ଜଳସେବାରେ ସମସ୍ତେ ପ୍ରତ୍ୟକ୍ଷ ଭାବରେ ସାମିଲ ହେବା ପାଇଁ ଆମେ ୮୦ ବନ୍ଧୁମାନଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାରରେ ଯୁବ ପିଢ଼ିଙ୍କ ଭୂମିକା ଉଲ୍ଲେଖନୀୟ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଆୟୋଜିତ ବିବିଧ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ସଫଳ ସମାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଦୀର୍ଘ ଚଉଦ ଦିନ ଧରି ଚାଲିଥିବା ଏହି ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରକୁ ଏକ ସାହିତ୍ୟିକ ଓ ସାଂସ୍କୃତିକ ମଞ୍ଚରେ ପରିଣତ କରିଥିଲା। ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆୟୋଜିତ ସମାପନୀ ଅନୁଷ୍ଠାନ ଏକ ସାଧାରଣ ସଭାର ଆୟୋଜନ ସହ ଉତ୍ସାହ ଓ ଉଦ୍ଦୀପନାରେ ପାଳିତ ହୋଇଯାଇଛି। ସଭାର ସଭାପତି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ଯୁବପିଢ଼ିଙ୍କ ଭୂମିକାକୁ ଉଲ୍ଲେଖ କରିଥିଲେ। ଏଥିସହିତ ଓଡ଼ିଶା ସରକାରଙ୍କ ଦ୍ୱାରା ନବବର୍ଷର ପାଳନର ଏହି ପାରମ୍ପରିକ ରୀତିକୁ ବ୍ୟାପକ କରିବାନେଇ ଖୁସିବ୍ୟକ୍ତ କରିଥିଲେ ତଥା ଓଡ଼ିଆ ପରିଚୟର ମୂଲ୍ୟବୋଧ ଓ ଏହାର ସଂରକ୍ଷଣର ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶଶଧର ଦାସ ଓଡ଼ିଆ ଭାଷାର ଐତିହ୍ୟ ଓ ଏହାର ସମୃଦ୍ଧି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ ତଥା ଓଡ଼ିଆ ପକ୍ଷ ପାଳନର ମହତ୍ତ୍ୱ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଯୁବ ସମାଜଙ୍କୁ ଓଡ଼ିଆ ପରମ୍ପରା ଓ ମୂଲ୍ୟବୋଧ ସହିତ ଜଡ଼ି ରହିବା ପାଇଁ ଆହ୍ୱାନ କରିଥିଲେ ତଥା ମହାବିଷୁବ ସଂକ୍ରାନ୍ତିର ବିଶେଷତ୍ୱ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ଼କ୍ଟର ଶିଖାଶ୍ରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ସମାରୋହରେ ପୁରସ୍କୃତ କରାଯାଇଥିଲା। ଏହାସହ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ସଂଗୀତର ସାମୂହିକ ଗାନ ପ୍ରସ୍ତୁତ ହୋଇଥିଲା। ପଣା ସଂକ୍ରାନ୍ତି ଅବସରରେ ପାରମ୍ପରିକ ପଣାପାନର ବ୍ୟବସ୍ଥା ଓ ବଣ୍ଟନ କରାଯାଇଥିଲା, ଯାହା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ଏହି ଓଡ଼ିଆ ପକ୍ଷ ଉତ୍ସବ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ସମସ୍ତଙ୍କ ମନରେ ଅଧିକ ଆଗ୍ରହ ଓ ଗୌରବବୋଧ ସୃଷ୍ଟି ହୋଇଥିବା ପ୍ରକାଶ ପାଇଛି।

# ନାମ ସଂକୀର୍ତ୍ତନରେ କମ୍ପିଲା ମା' ତାରିଣୀଙ୍କ ପୀଠ

**ଉମରକୋଟ, ନ୍ୟୁଜ ବ୍ୟୁରୋ**



ବେହେଡା ସ୍ଥିତ ତାରିଣୀ ମନ୍ଦିରରେ ମହା ବିଷୁବ ପଣା ସଂକ୍ରାନ୍ତି ଅନୁଷ୍ଠିତ ହେଇଯାଇଛି। ସକାଳୁ ମାଆଙ୍କର ରୀତିନୀତି ଅନୁସାରେ ପୂଜା ପାଠ, ନୂତନ ବସ୍ତ୍ର ଓ ସକାଳ ଆଳତୀ ପରେ ମାଆଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ବିଶ୍ୱ ଶାନ୍ତି ଓ ସମାଜର ମଙ୍ଗଳ କାମନା କରି ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତ ମାନଙ୍କ ଦ୍ୱାରା ହୋମ ଯଜ୍ଞ ସହ ମାଆଙ୍କର ଗୁପ୍ତ ଚଣ୍ଡୀ ପାଠ କରାଯାଇଥିଲା। କମିଟି ତରଫରୁ ଦିନ ତମାମ ମାଆଙ୍କ ପୀଠରେ ସଂକୀର୍ତନ ଓ ନାମ ଜପ ସହ ବହୁ ଦୂର ଦୁରାନ୍ତର ଭକ୍ତଙ୍କ ପାଇଁ ଅନ୍ନ ଛତ୍ରର ଆୟୋଜନ କରାଯାଇଥିଲା. କମିଟି ସଦସ୍ୟ ମାନେ ମାଆଙ୍କ ପୀଠ ରେ ଭକ୍ତ ମାନଙ୍କୁ ପଣା ବାଣ୍ଟି ମହା ବିଷୁବ ସଙ୍କରାନ୍ତି ଓ ଓଡ଼ିଆ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ । ରାତି ନଅଟା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେଇଥିଲା. ପଣା ସଙ୍କରାନ୍ତିରେ ମାଆଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାବେଶ ପରିବେଶକୁ ଭକ୍ତି ମୟ କରିଥିଲା। ମନ୍ଦିର ପ୍ରାଙ୍ଗଣରେ ଜଣେ ଭକ୍ତ ଶହେ ଗୋଟି ନଡ଼ିଆ ରଖି ମାଆଙ୍କୁ ସମର୍ପଣ କରିଥିଲେ। ଆଜିର ଏହି ବିଶେଷ କାର୍ଯ୍ୟକ୍ରମରେ ତାରିଣୀ ମନ୍ଦିର ପୂଜା କମିଟି ସଭାପତି ଡମ୍ବରୁ ଧର ଭତରା, ସମ୍ପାଦକ ସଜିତ କୁମାର ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ବାଘ, ବୁଲୁ ଦାସ, ବିରନାଥ ଭତରା, ଲକ୍ଷ୍ମୀ ଚନ୍ଦ୍ର ପାଢ଼ୀ, ମୁନ୍ନା ପାଣିଗ୍ରାହୀ, ଜୟରାମ ମହାରଣା, ନିରୋଧ କୁମାର ନାୟକ, ରବୀନ୍ଦ୍ର ବାଘ, ରମେଶ ଜେନା, ସୁଶାନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ମା' ଖିରେଇ ଶୁଣିଙ୍କ ୧୭ତମ ବାର୍ଷିକୋତ୍ସବ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଚଳିତ ବୈଶାଖ ମଙ୍ଗଳ ବାର ପବିତ୍ର ପଣାସଙ୍କ୍ରାନ୍ତି ଶୁଭ ଅବସରେ ମା ଖିରେଇସୁଣୀଙ୍କ ୧୭ତମ ବାର୍ଷିକ ପୂଜାତ୍ସବ ଚୋରଦା ଗ୍ରାମରେ ଏକ ଦିନଧରି ମହାଆଡମ୍ବରେ ପାଳିତ ହୋଇ ଯାଇଛି।ଭକ୍ତ ମାନେ ମା'ଙ୍କ ଯଜ୍ଞ ପାଇଁ ଦୀପ ଧୂପ ଘିଅ ଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଚାଲୁରହିଥିବା ବେଳେ ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଚାଲୁ ରହିଥିଲା। ଏହି ପରିପେକ୍ଷୀରେ ଜଗତ ଜନନୀ ମା ଖିରେଇ ସୁଣିଙ୍କୁ ମହାସାନ୍ନ. ନୂତନ ବସ୍ତ୍ର ପରିଧାନ କଳସ ଯାତ୍ରା ଘଟ ସ୍ଥାପନ ସୂର୍ଯ୍ୟ ପୂଜା ଯଜ୍ଞ ଷୋଡ଼ଶ ପୂଜା, ବଡ଼ ସିଂହାର ବେଶ, ଗୀତା ପଠନ ଅଷ୍ଟ ମକ, ଗୋ-ପୂଜା.ଗୁରୁପୂଜା କରାଯାଇଥିଲା। ଶେଷରେ ଯଜ୍ଞ ପୂର୍ଣ୍ଣକ୍ଷହୁତି ଦିଆ ଯାଇ ଥିଲା। ସନ୍ଧ୍ୟାରେ ଆଳତି ଭଜନ କ୍ରୀତନ ପ୍ରଭୃତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଅସି ମା' ଖିରେଇସୁଣିଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ଖିରେଇ ସୁଣିଙ୍କର ଆଶ୍ରିବାଦ ନେଇଥିଲେ। ସମଗ୍ର ଅଞ୍ଚଳରେ ଭଜନ ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା। ମାଆଙ୍କ କଳସକୁ ଏକ ବର୍ଣ୍ଣଢ୍ୟ ଶୋଭା ଯାତ୍ରାରେ ବିଭିନ୍ନ ବାଦ୍ୟ ଘଣ୍ଟ ଶଙ୍ଖ ଜୟ ମା' ହିଙ୍ଗୁଳାଙ୍କ ଧ୍ୱନିରେ ନିକଟସ୍ଥ ପୋଖରୀରେ କଳସ ବୁଡା ଯାଇଥିଲା। ଭକ୍ତ ମାନେ ପବିତ୍ର ପୂଜା ଉତ୍ସବରେ ମନ୍ଦିର ପ୍ରାଙ୍ଗଣ ରେ ଉପସ୍ଥିତ ରହି ମାଆଙ୍କର ଦୁର୍ଲ୍ଲଭ ଦର୍ଶନ ପୂର୍ବକ କୃପାଲାଭ କରିଥିଲେ।ଦୁଇ ହଜାର ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବେବସ୍ଥା ମଧ କରାଯାଇ ଥିଲା। ଚୋରଦା ଗ୍ରାମର ଯୁବଗୋଷ୍ଠୀ ମାନଙ୍କ ଦ୍ୱୁାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା।

# ବୌଦ୍ଧଜିଲ୍ଲା କଲଚରାଲ ଏକାଡେମୀର ବିଷୁବ ମିଳନ ଉତ୍ସବ

***ବୌଦ୍ଧ, ନ୍ୟୁଜ ବ୍ୟୁରୋ***




ବୌଦ୍ଧଜିଲ୍ଲା କଲଚୁରାଲ ଏକାଡେମୀ ବୌଦ୍ଧର ବିଷୁବ ମିଳନ ଉତ୍ସବ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଟୁଟୁସିଙ୍ଗା ଠାରେ ଅନୁଷ୍ଠାନର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ସୁଧୀର କୁମାର କର୍ଣ୍ଣ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଦେବରାଜ ନାୟକ, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଉପସଭାପତି ଟଙ୍କଧର ସାହୁ ଓ ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମାହାଣା ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ବହନ କରିଚ଼ାଲିଛି ଆମର ଅନୁଷ୍ଠାନ ଓ ଆଗକୁ ଏପରି ସମୟର ବିବର୍ତ୍ତନ ଭିତରେ ଆଗକୁ ଆଗେଇ ଚ଼ାଲୁ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଦେବରାଜ ନାୟକ ଓଡ଼ିଆ ଜନଜୀବନର ଐତିହ୍ୟ, ପରମ୍ପରା ଓ ଅତୀତର ଗୌରବ ଗାଥା ଉପରେ ଆଲୋକପାତ କରିଥିଲେ । ସଭାପତି ଶ୍ରୀ ଘିବେଲା ସମୟର ପରିବର୍ତ୍ତନ ଭିତରେ ବିଷୁବ ମିଳନ ସଂପର୍କରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସହ ସମ୍ପାଦକ କାର୍ତ୍ତିକେଶ୍ୱର ନାଏକ ବିଷୁବ ସଂକ୍ରାନ୍ତି ସଂପର୍କରେ କହିଥିଲେ। ରଶ୍ମିତା ନାଏକ ଭକ୍ତି ସଂଗୀତ ଗାନ କରିଥିଲେ। ତାପରେ ପଣାପାଣିର ଆସର କରାଯାଇଥିଲା । ଶେଷରେ କବି ବି କେ. ନିର୍ମଳଙ୍କ ସଂଯୋଜନାରେ କବି କାର୍ତ୍ତିକେଶ୍ୱର ନାଏକ, ସୁବାଷ ମହାଖୁଡ଼, ରଶ୍ମିତା ନାଏକ, ବିଜୟ ସାହୁ, କୃଷ୍ଣଚ଼ନ୍ଦ୍ର ସେଠି, ଦେବେନ୍ଦ୍ର ଦେହୁରୀ, ତପନ ନାୟକ, ଦେବରାଜ ନାୟକ, ପ୍ରଦୀପ କୁମାର ପ୍ରଧାନ, ଦୈତାରୀ ମେହେର, ତୁଳସୀ ପ୍ରସାଦ ହଂସ, ମୁପ୍ରଭା ପଟ୍ଟନାୟକ, ମମତା ମହାନନ୍ଦ, ନିରୋଜ କୁମାର ମେହେର, ଧ୍ରୁବ ଚ଼ରଣ ଘିବେଲା, ରାଧାମୋହନ ମାହାଣା, ଜୟନାରାୟଣ ମହାନ୍ତି, ସ୍ମାଇଲ ଶିବୁଲ ସେଠୀ ନିଜ ନିଜର କବିତା ପାଠ କରିଥିଲେ । ଶେଷରେ ଉପସଭାପତି ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶରେ ପ୍ରଥମ : ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଲୋକାର୍ପିତ

**ବାରିପଦା ନ୍ୟୁଜ ବ୍ୟୁରୋ**



ବାରିପଦା ପୌରପାଳିକା ପକ୍ଷରୁ ସ୍ଥାନୀୟ ଛଉ ପଡ଼ିଆ ନିକଟରେ ନିର୍ମିତ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଲୋକାର୍ପିତ ହୋଇଛି। ସୋମବାର ସନ୍ଧ୍ୟାରେ ଗୁରୁଜୀ ଡ଼ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଦେଶର ପ୍ରଥମ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ମୟୁରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରେ ଲୋକାର୍ପିତ କରିଛନ୍ତି। ଉକ୍ତ ଶ୍ରୀଗୁରୁ ଭାଗବତ ସ୍ତମ୍ଭ ଗୁରୁ ପରମ୍ପରା ସମ୍ପର୍କିତ ସ୍ମାରକ ଅଟେ। ଗୁରୁଜୀ ଦୁଇ ଦିନିଆ ବାରିପଦା ଗସ୍ତ ଅବସରରେ ଆସି ବାରିପଦା ସ୍ଥିତ ସାଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଭଗବତ୍ ତୁଙ୍ଗି ମଧ ପରିଦର୍ଶନ କରିଥିଲେ। ଏହାପରେ ବାରିପଦା ପୌରପାଳିକା ଦ୍ୱାରା ନିର୍ମିତ ଏହି ସ୍ତମ୍ଭକୁ ଲୋକାର୍ପଣ କରିଛନ୍ତି। ବାରିପଦା ପୌରପାଳିକା ଉପନଗରପାଳ ସୀମା ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଗବତ ପ୍ରଚାରକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ, ସୁନାମଧନ୍ୟ ଲେଖକ ତଥା ମାନବବାଦିତା ଉପାସକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ନବାକ୍ଷରୀ ଛନ୍ଦରେ ରଚିତ ଶ୍ରୀଗୁରୁ ଭାଗବତ କାବ୍ୟ ଗ୍ରନ୍ଥ ଓଡିଆ ସାହିତ୍ୟ ଜଗତର ଏକ ଅନନ୍ୟ ସୃଷ୍ଟି ଅଟେ। ମୂଳତଃ ଓଡ଼ିଆ ଭାଷାରେ ରଚିତ ଏହି ଗ୍ରନ୍ଥ ବର୍ତ୍ତମାନ ସୁଦ୍ଧା ନଅ ଖଣ୍ଡରେ ପ୍ରକାଶିତ ଏବଂ ଏହା ୪୦,୦୦୦ରୁ ଅଧିକ ଧାଡି ବିଶିଷ୍ଟ ଅଟେ। ଏହା ଇଂରାଜୀ, ହିନ୍ଦୀ ଏବଂ ସାନ୍ତାଳୀ ସହ ୨୪ଟି ଆଞ୍ଚଳିକ ଭାରତୀୟ ଭାଷାରେ ଉପଲବ୍ଧ ହୋଇଛି। ୨୦୦୧ ମସିହାର କାର୍ତ୍ତିକ ପୂର୍ଣ୍ଣମା ରାତିରେ ଶ୍ରୀଗୁରୁ ଭାଗବତର ପ୍ରଥମ ଚାରି ଧାଡି ଗୁରୁଜୀଙ୍କ କଲମରୁ ସତଃପ୍ରବୃତ ଭାବେ ଝରି ଆସିଥିଲା। ଏହି ଗ୍ରନ୍ଥରେ ଗୁରୁ ପରମ୍ପରାର ମୂଳ ବୈଶିଷ୍ଟ୍ୟ ସହିତ ଗୁରୁଭକ୍ତି ପରମ୍ପରାର ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଗ୍ରନ୍ଥ ମାନବ ଜୀବନର ଅମୂଲ୍ୟ ଦୃଷ୍ଟିକୋଣ, ଶ୍ରୀଗୁରୁଙ୍କ ମହାନତା, ଗୁରୁ ସେବାର ମହତ୍ତ୍ୱ, ଅନ୍ଧବିଶ୍ୱାସ, ପାରିବାରିକ ସଂଗଠନ, ଶ୍ରୀଗୁରୁଙ୍କ ବିଭିନ୍ନ ସ୍ତର, ଗୁରୁ ଶିଷ୍ୟଙ୍କ ସମ୍ବନ୍ଧ, ବିଭିନ୍ନ ପ୍ରକାର ଶିଷ୍ୟ ଏବଂ ପିତୃମାତୃ ସେବା ଆଦି ସନ୍ନିବେଶିତ ରହିଛି। ଉକ୍ତ ସ୍ମୃତିରେ ସ୍ତମ୍ଭ ସ୍ଥାପନ କରାଯାଇଛି। ଗୁରୁଜୀ ଏହିପରି ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ମୃତି ସ୍ତମ୍ଭ ବାରିପଦାରେ ପ୍ରତିଷ୍ଠା ହେବା ସହର ପାଇଁ ଗର୍ବର ବିଷୟ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି। ଏହି ଅବସରରେ ସହରବାସୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁଜୀଙ୍କ ଉପସ୍ଥିତି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଅନେକ ଜନସାଧାରଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିହାର ସରକାରଙ୍କ ପ୍ରମୁଖ ଶାସନ ସଚିବ ଅରବିନ୍ଦ ଚୌଧୁରୀ, ଓଡ଼ିଶା ସରକାରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜସ୍ୱ ବୋର୍ଡ଼ର ସଦସ୍ୟ ସତ୍ୟବ୍ରତ ସାହୁ, ମେଜର ଚଣ୍ଡୀ ପ୍ରସାଦ ମହାନ୍ତି, ୟୁପିଏସିର ପୂର୍ବତନ ସଚିବ ରାଜୀବ ଯୋଶୀ, ଅରୁଣ କୁମାର, ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସମସ୍ତ ୱାର୍ଡ଼ କାଉନସିଲର ସମେତ ଆମେରିକା, ଦିଲ୍ଲୀ, ଉତ୍ତରାଖଣ୍ଡରୁ ଆସିଥିବା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ବାରିପଦାର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# 'ମାନବ ସେବା ହିଁ ମାଧବ ସେବା'ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ଦିବ୍ୟ ଜୀବନ ସଂଘ, ମହିଳା ଶାଖା ତରଫରୁ ପବିତ୍ର ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଂଘର ପ୍ରଥମ ସେବକ ରବିନ୍ଦ୍ର ନାଥ ଦାସ ଓ ଅରୁଣ ଦାସଙ୍କ ତତ୍ତ୍ୱାବଧାନରେ ଦୈନିକ ପୂଜା ପରେ ସଙ୍କଟମୋଚନ ହନୁମାନଙ୍କ ଅର୍ଚ୍ଚନା, ପୂଜା, ଅଭିଷେକ ସହ ପବିତ୍ର ହନୁମାନ ଚାଳିଶା ଅତି ଭାବମୟ ସ୍ୱର ରେ ପାଠ କରାଯାଇଥିଲା । ସଦ୍‌ଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଓ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ହୃଦୟସ୍ପର୍ଶୀ ବାଣୀ ଭଲ ହୁଅ ଓ ଭଲ କର, ମାନବ ସେବା ହିଁ ମାଧବ ସେବା ରେ ଅନୁପ୍ରାଣିତ ହୋଇ ଦିବ୍ୟ ଜୀବନ ସଂଘ, ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ନାରାୟଣଙ୍କୁ ସ୍ୱାଦିଷ୍ଟ ଭୋଜନ ଓ ପ୍ରବଳ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରାଯିବା ସହ ସ୍ଥାନୀୟ ବୃଦ୍ଧାଶ୍ରମ ଓ ଅନାଥାଶ୍ରମର ପ୍ରାୟ ଶତାଧିକ ଅନ୍ତେବାସୀଙ୍କ ପାଇଁ ପ୍ରସାଦ ପଠାଯାଇଥିଲା । ରାସ୍ତାରେ ଯାଉଥିବା ପଥିକ ମାନଙ୍କ ପାଇଁ ପ୍ରବଳ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ପ୍ରତିବର୍ଷ ଭଳି ଏକ ବିଶୁଦ୍ଧ ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ଏହି ପାନୀୟ ଜଳ ସେବା ଆସନ୍ତା ଗୁରୁପୂର୍ଣ୍ଣିମା ଯାଏଁ ଚାଲୁ ରହିବ ବୋଲି ସଂଘର ଉପସଭାନେତ୍ରୀ ମମତା ମହାପାତ୍ର ସୂଚନା ଦେଇଥିଲେ । ସଂଘର ଉପଦେଷ୍ଟା ରୀନା ପାଢୀ ଙ୍କ ପ୍ରଚେଷ୍ଟା ରେ ସନ୍ଧ୍ୟାରେ ସୁନ୍ଦର କାଣ୍ଡ ପାଠ କରାଯାଇଥିଲା । ଅଞ୍ଚଳର ପ୍ରାୟ ୪୦୦ରୁ ଅଧିକ ଭକ୍ତ ଆସି ପ୍ରସାଦ ସେବନ କରିଥିଲେ । ସ୍ଥାନୀୟ ରାମନଗର ଶିବାନନ୍ଦ ଶିଶୁ ମନ୍ଦିର ର ସ୍କାଉଟ୍ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରାୟ ସହସ୍ରାଧିକ ପଥିକ ମାନଙ୍କୁ ସ୍ୱାଦିଷ୍ଟ ପଣା ସଂଘ ତରଫରୁ ବଣ୍ଟନ କରାଯାଇଥିଲା। ଏ ସବୁ ଦିବ୍ୟ କାର୍ଯ୍ୟକ୍ରମକୁ ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନା ରାଣୀ ଦାସ, ପ୍ରମିଳା ମହାରଣା, ଉଦୟନାଥ ପଣ୍ଡା, ରାମକୃଷ୍ଣ ଖଟାଇ, ମୁନା ପାଣିଗ୍ରାହୀ, ଲକ୍ଷ୍ମୀ ପାତ୍ର, ଲିପିବାଳା ସାହୁ, ଅଲେଖ ବେହେରା, ଏମ୍. କ୍ରୀଷ୍ଣା ଦୋରା, ଶ୍ରୀନିବାସ ପାତ୍ର, ସୁଜାତା ପଟ୍ଟନାୟକ, ଧର୍ମେନ୍ଦ୍ର, ମଧୁସୂଦନ ମହାପାତ୍ର,ମାମି ବେହେରା, ଶ୍ରୀମନ୍ତ ମହାପାତ୍ର ପ୍ରଭୃତି ପରିଚାଳନା କରିଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟା ବୀଣା କୁମାରୀ ଶର୍ମା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# 'ସମାଜରେ ଅବହେଳିତ ଜନତାଙ୍କ ଦେବ ଦୂତ ସାଜିଥିଲେ ଆମ୍ବେଦକର'

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**



ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଏବଂ ଓଡ଼ିଆ ପକ୍ଷର ଶେଷ ଦିନ ଅବସରରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି। ସକାଳେ ସ୍ଥାନୀୟ ପୋଲିସ ଲାଇନ ଛକ ଠାରେ ଥିବା ଡଃ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମାଲ୍ୟାର୍ପଣ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନେକ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏଠାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟ କ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହାପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଦର ମାନସ କୁମାର ଦତ୍ତ ଯୋଗଦେଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ମୟୂର ବିକାଶ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଡ଼ାନ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ସର୍ବପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଭାରତରତ୍ନ ବାବାସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକୁ ଆରମ୍ଭ କରାଯାଇଥିଲା। ପରେ ସଭାରେ ଉପସ୍ଥିତ ଥିବା ସମସ୍ତ ବୁଦ୍ଧିଜୀବୀ ଗଣ ରାଜ୍ୟ ସଙ୍ଗୀତ ଓ ରାଷ୍ଟ୍ର ଗୀତକୁ ସମ୍ମାନ ଜଣାଇଥିଲେ। ଅତିଥି ମାନେ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଡଃ ଆମ୍ବେଦକରଙ୍କ ବାଲ୍ୟ କାଳ ଠାରୁ ଭାରତର ସମ୍ବିଧାନ ରଚନା କରିବା ପର୍ଯ୍ୟନ୍ତ କେଉଁ ଭଳି ଭାବେ ସଂଘର୍ଷ କରିଥିଲେ, ତାହା ସମ୍ବନ୍ଧରେ ଅତିଥି ମାନେ ଆଲୋକପାତ କରିଥିଲେ। ସମାଜରେ ଅବହେଳିତ, ନିଷ୍ପେଷିତ, ନିର୍ଯାତିତ ବ୍ୟକ୍ତି ମାନଙ୍କର ମଙ୍ଗଳ ପାଇଁ ଡଃ ଆମ୍ବେଦକର ଦେବ ଦୂତ ସାଜିଥିଲେ। ଉଭୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ମାନେ, ଆମ୍ବେଦକର ବିକାଶ ପରିଷଦର ସଦସ୍ୟ ଗଣ, ସମାଜ ସେବୀ ଗଣ, ସାମ୍ବାଦିକ ଗଣ, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ବୁଦ୍ଧିଜୀବୀ ଗଣ, ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ସମେତ ସମସ୍ତେ ଓଡ଼ିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ଅବସରରେ ପିଠା ଓ ପଣାର ମଜା ନେଇଥିଲେ।

# ନୂଆପଡ଼ାରେ ଗୃହ ତାଲିକା ଓ ଜନ ଗଣନା ଆରମ୍ଭ

**ନୂଆପଡା, ନ୍ୟୁଜ ବ୍ୟୁରୋ**

ଜନସାଧାରଣଙ୍କ ପାଇଁ ସ୍ୱୟଂ-ଗଣନା ପ୍ରକ୍ରିୟାର ସମାପ୍ତି ପରେ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଅନୁସାରେ ଗୃହ ତାଲିକା ଓ ଗୃହ ଗଣନା(ହାଉସଲିଷ୍ଟିଂ ଓ ହାଉସିଂ ସେନସସ୍) କାର୍ଯ୍ୟ ଆଜି ନୂଆପଡା ଜିଲ୍ଲାରେ ସଫଳତାର ସହ ଆରମ୍ଭ ହୋଇଛି। ଜିଲ୍ଲାର ୮ଟି ଚାର୍ଜ ଅଫିସ(୫ଟି ଗ୍ରାମୀଣ ଓ ୩ଟି ସହର ଚାର୍ଜ) ଅଧୀନରେ ପ୍ରଶିକ୍ଷିତ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି। ଏହି ଅଭିଯାନରେ ମୋଟ ୧,୧୩୮ ଜଣ ଗଣନାକାରୀ ଓ ୧୯୪ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବାବେଳେ ଆପତ୍କାଳୀନ ପରିସ୍ଥିତି ପାଇଁ ଅତିରିକ୍ତ ୧୦ ପ୍ରତିଶତ ରିଜର୍ଭ କର୍ମଚାରୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆଜି ସନ୍ଧ୍ୟା ୪ଟା ୩୦ ମିନିଟ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ମୋଟ ୧୪,୬୮୪ଟି ଗୃହ ତାଲିକାଭୁକ୍ତ ହୋଇଥିବା ସହ ୧୬,୬୪୭ଟି ଜନଗଣନା ଘର ଚିହ୍ନଟ କରାଯାଇଛି। ଜିଲ୍ଲାର ସମସ୍ତ ଅଂଚଳରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ସୁଚାରୁ ଭାବେ ଚାଲିଥିବାବେଳେ ଏହା ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ଅଗ୍ରସର ହେଉଛି । ଜନଗଣନା-୨୦୨୭ର ଏହି ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଚାଲିବ। ଏହି ସମୟରେ ଗଣନାକାରୀମାନେ ଘରେ ଘରେ ଯାଇ ଗୃହସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଓ ସମ୍ପତି ସମ୍ପର୍କିତ ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏହିଥର ପ୍ରଥମ ଥର ପାଇଁ ସ୍ୱୟଂ-ଗଣନା ବ୍ୟବସ୍ଥା ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁ ପରିବାର ସ୍ୱୟଂ-ଗଣନା କରିଛନ୍ତି, ସେମାନେ ନିଜର ଏସଇ ଆଇଡି ଗଣନାକାରୀଙ୍କୁ ପ୍ରଦାନ କରି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ। ଯେଉଁମାନେ ଏହି ବିକଳ୍ପ ବ୍ୟବହାର କରିନାହାନ୍ତି, ସେମାନଙ୍କ ତଥ୍ୟ ଘରେ ଘରେ ସଂଗ୍ରହ କରାଯିବ। ଏହି ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ସଂପାଦିତ ହେଉଛି। ବିଶେଷ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ହେଉଥିବାରୁ ତଥ୍ୟର ସଠିକତା, ସ୍ପଷ୍ଟତା ଓ ଦ୍ରୁତ ପ୍ରକ୍ରିୟାକରଣ ସୁନିଶ୍ଚିତ ହେଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର ମୁହୂର୍ତ୍ତ ଭାବେ ଗ୍ରହଣ କରାଯିବ। ଜନଗଣନା ଆଇନ, ୧୯୪୮ ଅନୁସାରେ ସଂଗ୍ରହିତ ସମସ୍ତ ତଥ୍ୟ କଠୋର ଭାବରେ ଗୋପନୀୟ ରହିବ ଏବଂ କେବଳ ପରିସଂଖ୍ୟାନ ଓ ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ବ୍ୟବହୃତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଏହି ଜାତୀୟ ଅଭିଯାନରେ ସକ୍ରିୟ ଭାଗ ନେଇ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।





# ହାତୀ ଉପଦ୍ରବ : ରବିଧାନ ଓ ପନିପରିବା ନଷ୍ଟ

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀ ପ୍ରସାଦ ଗ୍ରାମ ପଞ୍ଚାୟତ ସାପ ଦୋହଲି ଗ୍ରାମରେ ଚାଷୀ ମାନଙ୍କ ରବି ଧାନ ଫସଲ ବଣୁଆ ହାତୀ ପଲ ରବିବାର ସକାଳେ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଉକ୍ତ ୧୪ଟିକିଆ ହାତୀ ପଲରେ ଗୋଟି ହାତୀ ରହିଥିବା ବେଳେ ମହାନଦୀ ପାର ହୋଇ ହାତୀମାନେ ଗତ କିଛି ଦିନ ହେଲା ଗମ୍ଭାରୀ ପଦର, ବଲାସିଙ୍ଗା ଓ ଗୋବିନ୍ଦପୁର ଆଦି ଗ୍ରାମ୍ୟ ଜଙ୍ଗଲରେ ରହି ରବି ଧାନ ଚାଷ ଓ ପନିପରିବା ଚାଷ ନଷ୍ଟ କରୁଥିବା ଦେଖିବାକୁ ମିଳିଛି । ଗତ ରାତିରେ ସାପ ଦୋହଲି ଗ୍ରାମର ବୀର ମଣି ପୁରୋହିତଙ୍କ ୫ଏକର ଜମିର ଫସଲ ମାଡି ଦେବା ସହ ଏକ ବୋର ଉଏଲକୁ ଭାଙ୍ଗି ଦେଇଛନ୍ତି । ସେହିପରି ଧନଞ୍ଜୟ ଶତପଥୀଙ୍କ ୨ଏକର ଧାନ ଚାଷ ସହ ଗୋଟିଏ ବଂଡଲ ପାଇପ ମଧ୍ୟ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଅନ୍ୟ ଚାଷୀ ମାନଙ୍କ ମଧ୍ୟରେ ସୁବାଷଜଟୀ, ଜଗନ୍ନାଥ ଖମାରୀ ନାରୟଣ ଜଟୀ, ଝରୀଆ ଜଟୀ, ଜୟନ୍ତୀ ପାଣ୍ଡେ, ନର ଜଟୀଙ୍କ ଧାନ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି ।



ହାତୀ ପଲ ସକାଳ ହେବା ପୂର୍ବରୁ ମହାନଦୀ ପାର ହୋଇ ବୀର ମହାରାଜପୁର୍ ବନାଞ୍ଚଳକୁ ଚାଲି ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ଜନସାଧାରଣଙ୍କ ପାଖରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କିପରି ଉପଲବ୍ଧ ହେଉଛି, ତାହାର କ୍ଷେତ୍ରୀୟ ଅନୁସନ୍ଧାନ ପାଇଁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ପନଖମାଲ ଓ କନକପୁର ପ୍ରାଥମିକ ବିଦ୍ୟାଳୟ ସହିତ ଗାଁର ଅଙ୍ଗନଓ୍ୱାଡି କେନ୍ଦ୍ରଗୁଡ଼ିକୁ ଯାଇଥିଲେ। ସେହିପରି ଦେଓବନ୍ଧ ବିଦ୍ୟାଳୟକୁ ମଧ୍ୟ ଗସ୍ତ କରିଥିଲେ। ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ସହ କିଛି ସମୟ ବିତାଇ ତାଙ୍କୁ ପାଠ୍ୟପୁସ୍ତକ ପଢ଼ିବାକୁ କହି ସେମାନଙ୍କ ପଠନ କୌଶଳ ପରୀକ୍ଷା କରିଥିଲେ। ଏଥିସହିତ ଜିଲ୍ଲାପାଳ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ବାର୍ତ୍ତାଳାପ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏହାପରେ ବଘିଆପଡ଼ା ଓ ଆମ୍ବଝରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରି ଡାକ୍ତର ଓ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ସ୍ୱାସ୍ଥ୍ୟ ସେବାର ମାନ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଜନସାଧାରଣଙ୍କ ପାଇଁ ସରକାରୀ ସେବା ସହଜ ଓ ଅବାଧ ଭାବେ ପ୍ରାପ୍ତ ହେବା ନିମିତ୍ତ ସମସ୍ତେ ସଚେତନ ଓ ଦାୟିତ୍ୱବାନ ହେବାକୁ ଜିଲ୍ଲାପାଳ ସମସ୍ତ ଶିକ୍ଷକ, ଅଙ୍ଗନଓ୍ୱାଡ଼ି କର୍ମୀ, କର୍ମଚାରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହିତ ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ମଧ୍ୟ ଉପସ୍ଥିତ ଥିଲେ।



# ବୀରମହାରାଜପୁରରେ ଗୁଳିକାଣ୍ଡ : ଯୁବକ ମୃତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହରରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବନ୍ଧୁକରୁ ହଠାତ୍ ଗୁଳି ଫୁଟିବାରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତ୍ ଯୁବକ ଜଣକ ଚମ୍ପାମାଳ ଗ୍ରାମର ବିକ୍ରମ ମହାରଣା (ବିକି) ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିକି ଜଣେ ଭଦ୍ର ତଥା ମେଳାପୀ ଯୁବକ ଥିଲେ । ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ବୀରମହାରାଜପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଛକ ନିକଟସ୍ଥ ଏକ ପାନ ଦୋକାନ ପାଖରେ କିଛି ଯୁବକ ବସିଥିଲେ। ସେଠାରେ ବିକି ତାଙ୍କ ସାଙ୍ଗଙ୍କ ସହ ବନ୍ଧୁକ ଦେଖୁଥିବା ବେଳେ ହଠାତ୍ ଟ୍ରିଗର ଉପରେ ବିକିଙ୍କ ହାତ ବାଜି ଗୁଳି ଫୁଟି ଯାଇଥିଲା। କିଛି ଲୋକ କହିବାରେ ବନ୍ଧୁକଟି ଅଟୋମେଟିକ ହୋଇଥିବା ବେଳେ ଟ୍ରିଗର ଲକ ହୋଇ ନ ଥିବାରୁ ଫାୟାର ହୋଇ ଗୁଳିଟି ସିଧା ବିକ୍ରମଙ୍କ ବେକରେ ଆସି ବାଜିଥିଲା। କିନ୍ତୁ ପରେ ତାହା ପୋଲିସ ତଦନ୍ତରୁ ସ୍ପଷ୍ଟ ହେବ । ଗୁରୁତର ଅବସ୍ଥାରେ ବିକ୍ରମଙ୍କୁ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା ବେଳେ ତାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ଡିପିଓ ହେମନ୍ତ ରାଓଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ଆଜି ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାସ୍ଥଳର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।



# ସିବିଏସଇ ପରୀକ୍ଷାରେ ଜିଲ୍ଲା ଟପ୍ପର ଅଂଶୁମାନଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ,ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ସିବିଏସସି ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବା ଅଂଶୁମାନ ମୋହନ ନାୟକଙ୍କୁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଶନିବାର ଦିନ ଭଦ୍ରକ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଧନା ସଭାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶୁମାନଙ୍କୁ ଧୂପ ଦୀପ ଜଳାଇ ଏବଂ ଚନ୍ଦନ ଲଗାଇ ତାଙ୍କ ଉପରେ ପୁଷ୍ପ ପକାଇ ସମ୍ବର୍ଧନା ଦେଇଛନ୍ତି । ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅଂଶୁମାନଙ୍କ ପିତା ମାତା, ଆଈ ଓ ପରିବାର ସେ ପାଠ ପଢୁଥିବା ବିଦ୍ୟାଳୟ ଅଧକ୍ଷ ଏବଂ ଷ୍ଟାଫ୍‌ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଂଶୁମାନଙ୍କୁ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରତିକ୍ରିୟାରେ ଅଂଶୁମାନ କହିଛନ୍ତି ଶରୀର ପ୍ରତି ଯତ୍ନ ନେଇ ପାଠ ପଢିଲେ ସଫଳତା ମିଳିଥାଏ । ତା ଛଡା ପରୀକ୍ଷା ବେଳେ ରାତି ଉଜାଗର ରହି ପାଠ ପଢିବା ଅପେକ୍ଷା ସବୁଦିନ ପଢିବା ଏବଂ କମ ସମୟ ପାଠ ପଢିବା ଉଚିତ । ଏହା ଫଳରେ ଶରୀର ସୁସ୍ଥ ରହିବା ସହିତ ପାଠ ମଧ୍ୟ ପଢାଯାଇ ପାରିବ। ସେହିଭଳି ଆଗକୁ ଭଲ ୟୁନିଭରସିଟିରେ ଆଇଆଇଟି ପଢିବାକୁ ଲକ୍ଷ ରଖିଥିବା କହିଛନ୍ତି । ଅଂଶୁମାନ ଚଳିତ ସିବିଏସସି ବୋର୍ଡ ପରୀକ୍ଷାରେ ୯୯. ୪ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି । ତାଙ୍କ ବାପା ଚିନ୍ମୟ ନାୟକ ଓଡ଼ିଶା ହାଇକୋର୍ଟରେ ଲିଗାଲ ଅଫିସର ଭାବେ କାର୍ଯ୍ୟ ରତ ଥିବା ବେଳେ ମା ଅସୀମା ନାୟକ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ ରତ ଅଛନ୍ତି । ଅଂଶୁମାନ ଭଦ୍ରକ ଏସ ବି ଡି ଇଣ୍ଟରନେସନାଲ ସ୍କୁଲରେ ପ୍ରଥମ ଶ୍ରେଣୀରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଆସୁଛନ୍ତି । ଅଂଶୁମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଶତପଥୀଙ୍କ ସହିତ ସ୍କୁଲର ସମସ୍ତ ଶିକ୍ଷକ କର୍ମଚାରୀ ସାଧୁବାଦ ଜ୍ଞାପନ କରିଛନ୍ତି । ସେହିଭଳି ଏସବିଡି ଇଣ୍ଟରନେସନାଲ ସ୍କୁଲ୍ ପକ୍ଷରୁ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ୍ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।



# ବିଭିନ୍ନ ସ୍ଥାନରେ ଦୁର୍ଘଟଣା, ୬ ଗୁରୁତର

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ଶନିବାର ଭୋର ୫ଟା ସମୟରେ ଜାତୀୟ ରାଜପଥ ନଂ ୫୭ର ଜହ୍ନାପଙ୍କ ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଡ୍ରାଇଭରକୁ ମିଶାଇ କାରରେ ଥିବା ୫ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବହିରା ଗ୍ରାମରୁ ୪ ଜଣ ଯାତ୍ରୀ ପୁରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇ ଘରକୁ ଫେରୁଥିବା ସମୟରେ ଜହ୍ନାପଙ୍କ ଛକରେ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱର ଏକ ଖମ୍ବକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଜହ୍ନାପଙ୍କ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ଶନିବାର ଭୋର୍ ସମୟରେ ଜାତୀୟ ରାଜପଥ ନଂ ୫୭ର ସରସରା ନିକଟରେ ଅଜଣା ଉଇଙ୍ଗର ଧକ୍କାରେ ଜଣେ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଚା ପିଇବା ପାଇଁ ସରସରା ଛକ ଆଡକୁ ଦୁଇ ଜଣ ବ୍ୟକ୍ତି ଆସୁଥିବା ବେଳେ ପୁରୁଣା କଟକ ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ ଉଇଙ୍ଗର ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ନିଜ ସମ୍ପର୍କୀୟ ଘରକୁ ସରସରା ଆସିଥିବା ଖମାରୀ ପଡା ଗ୍ରାମର ଅଗସ୍ତି ନାଏକ ଗୁରୁତର ଆହତ ହୋଇଥିବା ବେଳେ ସରସରା ଗ୍ରାମର ବନମାଳି ମିର୍ଦ୍ଧା ଆହତ ହୋଇଥିଲେ । ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନା ଅଣାଯାଇଥିଲା । ଅଗସ୍ତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି ।

# ବରଗଡ ସହରରେ ଚୋରଙ୍କ ଉପଦ୍ରବ ବଢୁଛି




***ବରଗଡ଼, ନ୍ୟୁଜ ବ୍ୟୁରୋ***

ଚୋରଙ୍କ ଉପଦ୍ରବ ବରଗଡ଼ ସହରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ଏୟାରକଣ୍ଡିସନ୍ (ଏସି)ର ବାହ୍ୟ ୟୁନିଟ୍ ଚୋରି ହେବା ଘଟଣା ନଜରକୁ ଆସୁଛି। ନିକଟରେ ଭଟଲି ଛକ ଅଞ୍ଚଳରେ ଏଭଳି ଏକ ଚୋରି ହୋଇଥିବା ବେଳେ ଏବେ ଅଗ୍ରଣୀ ମହିଳା ସଂଗଠନ ବରଗଡ଼ ମହିଳା ସମିତିରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି ଓ ସମ୍ପାଦିକା ରିନୁ ପତି ୧୭ ତାରିଖ ଶୁକ୍ରବାର ଦିନ ବରଗଡ଼ ଟାଉନ ଥାନାରେ ଚୋରି ସମ୍ପର୍କରେ ଏତଲା ଦେଇଛନ୍ତି। ଏସିର ବାହ୍ୟ ୟୁନିଟ୍ ଯାହା ସମିତି କୋଠାର ଛାତ ଉପରେ ସ୍ଥାପିତ ହୋଇଥିଲା ତାହା ଚୋରି ହୋଇ ଯାଇଛି। ଏହି ଘଟଣାର ତଦନ୍ତ ପୂର୍ବକ ଚୋରି ପାଇଁ ଦାୟୀ ବ୍ୟକ୍ତି(ମାନଙ୍କୁ) ଚିହ୍ନଟ କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।

# ପୂର୍ବତଟ ରେଳପଥ ଦ୍ୱାରା ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ୍ ନିର୍ମାଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ବଡ଼ ସଫଳତା ହାସଲ କରିଛି। ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି, ଯାହା ଟନେଲ୍ ନିର୍ମାଣ ଇତିହାସରେ ଏହାକୁ ଏକ ଅତ୍ୟନ୍ତ ସଫଳ ବର୍ଷ ଭାବେ ପ୍ରତିପାଦିତ କରିଛି। ଏହି କ୍ରମରେ ଶେଷ ସଫଳତା ଭାବେ ଏପ୍ରିଲ ୧୪, ୨୦୨୬ରେ କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ୍ ନମ୍ବର-୩୦ର ବ୍ରେକ୍‌ଥ୍ରୁ ହୋଇଛି। ଏକ ଚ୍ୟାଲେଞ୍ଜପୂର୍ଣ୍ଣ ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ୍ ନିର୍ମାଣ କରାଯାଇଛି। ଉଭୟ ପାର୍ଶ୍ୱରୁ ଏକକାଳୀନ ଖନନ କରାଯାଇ ଶତପ୍ରତିଶତ ସଠିକତା ସହ ଏହାର ସଂଯୋଗ କରାଯାଇଛି, ଯାହାକି ଉନ୍ନତ ଇଞ୍ଜିନିୟରିଂ କୌଶଳ ଓ ସଠିକ ସର୍ବେକ୍ଷଣର ପ୍ରମାଣ ଦେଉଛି । ଏଥିସହିତ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନ୍ ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ରୁଟ୍‌ର ସବୁଠାରୁ ଲମ୍ବା ଟନେଲ୍ T-୪ (୪,୧୮୫ ମିଟର) ଏବଂ ଟନେଲ୍ T-୨ (୧,୭୭୫ ମିଟର)ର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏହା ବ୍ୟତୀତ ଜୁଲାଇ ୨୦୨୫ରେ T-୫ ଓ T-୬ (ପ୍ରତ୍ୟେକ ୨୫୦ ମିଟର) ଏବଂ ନଭେମ୍ବର ୨୦୨୫ରେ ଟି-୭ (୧,୯୭୫ ମିଟର) ଟନେଲର ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ଷକ ମଧ୍ୟରେ ମୋଟ ୭,୦୫୧ ମିଟର ଟନେଲ୍ ଖନନ କରାଯାଇଛି ଏବଂ ୨,୪୭୫ ମିଟର ଲାଇନିଂ କାର୍ଯ୍ୟ ସହ ଅନ୍ୟାନ ସଲଗ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହା ସହିତ କୋରାପୁଟ-ରାୟଗଡା ଏବଂ କୋରାପୁଟ-ସିଙ୍ଗାପୁର ରୋଡ କରିଡର ସମେତ ପ୍ରମୁଖ ଦୋହରୀକରଣ ସେକ୍ସନରେ ଅତିରିକ୍ତ ସଫଳତା ମିଳିଛି । ଏହି ସଫଳତା ଦ୍ୱାରା ଉପକୂଳ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗ ବୃଦ୍ଧି ପାଇବା ସହ ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକ ଅର୍ଥନୀତିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ପ୍ରାକୃତିକ ବାଧାବିଘ୍ନ ସତ୍ତ୍ୱେ ପୂର୍ବତଟ ରେଳପଥର ଏହି ନିରନ୍ତର ପ୍ରୟାସ ଆଧୁନିକ ରେଳ ସେବାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି।

# ତହସିଲଦାରଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ ଘଟିଥିବା ଗୁରୁତର ଅଭିଯୋଗ ଆସିଛି। କୋରେଇ ଥାନା ଅନ୍ତର୍ଗତ ମୀନା ବଜାର ଛକ ନିକଟରେ ଏହି ଅଘଟଣ ଘଟିଛି। ସୂଚନା ଅନୁସାରେ, ଅଞ୍ଚଳରେ ଚାଲୁଥିବା ଅବୈଧ ମାଟି ଚୋରୀକୁ ରୋକିବା ପାଇଁ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଥିରେ ଅଭିଯୁକ୍ତମାନେ ଟ୍ରାକ୍ଟର ଚଢ଼ାଇ ତାଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। ଏହି ଘଟଣାରେ ସେ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଏବେ ପ୍ରଶାନ୍ତ ପଣ୍ଡା ଙ୍କର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ କୋରେଇ ପୋଲିସ୍ ତତ୍କ୍ଷଣାତ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହା ସହ ଜଡିତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି । ଅବୈଧ ମାଟି ଖନନ ଓ ପରିବହନକୁ ନେଇ ଏହିପରି ଆକ୍ରମଣ ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି । ସୂଚନା ଅନୁସାରେ କୋରେଇ ଥାନା ଫଜାଲ ପୁର ନିକଟରେ ଗୋଟେ ଜାଗାରେ ମାଟି ଖୋଳା ଯାଉଥିବା ଖବର ପାଇ ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡା ଓ ତାଙ୍କ ଟିମ ଚଢ଼ାଉ କରୁଥିବା ବେଳେ ଏକ ଟ୍ରାକ୍ଟର ମାଟି ନେଇ ଯାଉଥିବା ବେଳେ ତାକୁ ଅଟକାଉଥିବା ବେଳେ ତଳେ ପଡିଯିବାରୁ ଟ୍ରାକ୍ଟରଟି ତାଙ୍କ ଗୋଡ଼ରେ ଚଢି ଯାଇଥିଲା। ସେପଟେ କଳିଙ୍ଗନଗର ଏଡିମ ପହଁଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।



# ସୋନପୁରରେ ଲଜ୍ଜ୍ୟା ନାବାଳିକାଙ୍କୁ ଗଣ ଦୁଷ୍କର୍ମ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ନସହରର ମହାନଦୀ ବ୍ରିଜ ବାମ ପାଖ ନଦୀ କୂଳରେ ଜଣେ ନାବାଳିକା ୧୪ ତାରିଖ ପଣା ସଂକ୍ରାନ୍ତି ଦିନ ଗଣ ଦୁଷ୍କର୍ମର ଶିକାର ହୋଇଥିବା ସୋନପୁର ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସୋନପୁର ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଝୁପୁଡ଼ି ପଡ଼ାର ମଣ୍ଟୁ ଓରଫ ବନବାସ ବାରିକ (୪୩)ଏବଂ ଡି କଲୋନୀର ସୁରଜ୍ ଓରଫ ରବିଚନ୍ଦ୍ର ବାଗ (୩୦)। ୧୪ ତାରିଖ ଦିନ ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ଏବଂ ଆମ୍ବେଦକରଙ୍କ ଜୟନ୍ତୀ ସାରା ଦେଶରେ ଧୁମଧାମ୍ ରେ ପାଳନ ହେଉଥିଲା ଏବଂ ସେଦିନ ଉକ୍ତ ଯୁବତୀଙ୍କ ପଡ଼ାରେ ଦଣ୍ଡ ନୃତ୍ୟ ଚାଲୁଥିବା ବେଳେ ଯୁବତୀଙ୍କୁ ଉକ୍ତ ଦୁଇଜଣ ବାଇକ୍‌ରେ ବସାଇ ବ୍ରିଜ ବାମ ପଟ ନଦୀ କୂଳକୁ ନେଇ ଦୁଷ୍କର୍ମ କରିଥିବା ନାବାଳିକାର ବାପା ସୋନପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ସେମାନେ ପୁଣି ନାବାଳିକାଙ୍କୁ ଆଣି ଘର ପାଖରେ ଛାଡ଼ି ଦେଇ ଫେରାର ମାରିଥିଲେ। ନାବାଳିକା ସବୁ କଥା କାନ୍ଦି କାନ୍ଦି ଘରେ କହିବା ପରେ ତାଙ୍କ ବାପା ଥାନାରେ ଆସି ଅଭିଯୋଗ କରିଥିଲେ। ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ସମ୍ପୃକ୍ତ ନାବାଳିକା ଗୁରୁତର ଥିବାରୁ ତାଙ୍କୁ ସୋନପୁର ଡାକ୍ତରଖାନରେ ଚିକିତ୍ସା କରାଇଥିଲା ଏବଂ ଏହି ଘଟଣାରେ ଉକ୍ତ ଦୁଇ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା । ଶୁକ୍ରବାର ଦିନ ଉଭୟଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଯାଦବ ବାଗ ସୂଚନା ଦେଇଛନ୍ତି । ସେପଟେ ବିଚାରପତି ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର କରିଥିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଯୁବତୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ମାନସିକ ଅବସ୍ଥାକୁ ଦେଖି ପରେ ତଦନ୍ତକୁ ଆଗକୁ ନିଆଯିବ ବୋଲି ଏସଆଇ ସସ୍ମିତା ଭୂତିଆ କହିଛନ୍ତି । ଅସମର୍ଥିତ ସୂତ୍ରରୁ ଜଣାପଡିଛି ଯେ ଏହି ଘଟଣାରେ ଆଉ କେତେ ଜଣ ନାବାଳକ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ସୋନପୁର ପୋଲିସ ୨ ଦିନ ଧରି ଘଟଣାକୁ ଚପେଇ ଦେବା ସହ ସାମ୍ବାଦିକଙ୍କୁ ମଧ୍ୟ ତଥ୍ୟ ଦେବାକୁ ମନା କରୁଥିବାରୁ ସାମ୍ବାଦିକ ମହଲ ରେ ଅସନ୍ତୋଷ ଦେଖାଦେଇଛି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୪।୨୦୨୬, ବୈଶାଖ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୧୪ ଚନ୍ଦ୍ରୋଦୟ- ପ୍ରାଘ ୭।୨୯।୩୦**

ତୃତୀୟା ପ୍ରାଘ ୭।୨୮ ଗତେ ଚତୁର୍ଥୀ କ୍ଷୟ । ରୋହିଣୀ ନକ୍ଷତ୍ର ରାଘ ୨।୧୧ ପର୍ଯ୍ୟନ୍ତ, **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୨।୨୮ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୭।୦୫ ମଧ୍ୟେ । ଦିଘ ୧୦।୩୨ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ଅକ୍ଷୟ ତୃତୀୟା, ରଥ କାଠ ଅନୁକୂଳ, ଚନ୍ଦନଯାତ୍ରା ଆରମ୍ଭ, ରେବତୀ ବିବାହ ଉତ୍ସବ, ବିନାୟକ ଚତୁର୍ଥୀ ।



**ମେଷ:** ମନରେ ସ୍ଥିରତା ଆସିବ ନାହିଁ । ନିଜର ସ୍ୱାଧୀନ କର୍ମ ଉପରେ ବାଧା ଆସିବ। ପରାଧୀନତା ଅନୁଭବ କରିବେ। କୁଟୁମ୍ବେ ଶାନ୍ତି ବଜାୟ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ବୃଷ:** ପୁରୁଣା କାମକୁ ସମାଧାନ କରିବାର ସୁଯୋଗ ଆସିବ। ପରିବାର ମଧ୍ୟରେ ସହଯୋଗ ଜାରି ରହିବ । କର୍ମ ଚଞ୍ଚଳ ରହି ଭବିଷ୍ୟତ ଚିନ୍ତା କରି ଚାଲିବେ। ଆୟ ଓ ବ୍ୟୟ ସମାନ ରହିବ। ମନ ଭଲ ରହିବ ।



**ମିଥୁନ:**ଅସହଯୋଗର ସମ୍ମୁଖୀନ ହେବେ । ପରିବାରରେ ଜଞ୍ଜାଳ ବଢିବ । କର୍ମକ୍ଷେତ୍ରରେ ପଥରୋଧର ସୂଚନା । ଆୟ ଠାରୁ ବ୍ୟୟର ପରିମାଣ ବଢିବ। ମହିଳାମାନେ ଗର୍ବୀ ହେବେ। ମନ ଅସ୍ଥିର ରହିବ।



**କର୍କଟ:** ପୁରୁଣା ପ୍ରାପ୍ୟ ମିଳିପାରେ। ବନ୍ଧୁ ସହଯୋଗ ଲାଭ ହେବ। ରୋଜଗାରରେ ପ୍ରଗତି ଆସିବ। ଶାରୀରିକ ସୁସ୍ଥତା ଅନୁଭବ କରିବେ । ସମ୍ମାନ ଓ ଚିନ୍ତାରେ ପଡିପାରନ୍ତି । ମହିଳାମାନେ ସୁଖୀ ହେବେ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବେ। ପଦସ୍ଥ କର୍ମଚାରୀଙ୍କ ବା ଗୁରୁଜନଙ୍କ ଦ୍ୱାରା ପ୍ରଶଂସା ଭାଜନ ହେବା ସହିତ ସମ୍ମାନ ବୃଦ୍ଧି ପାଇବ। ଦେହ ଭଲ ରହିବ। ରୋଜଗାର ଭଲ ହେବ।



**କନ୍ୟା:** ମନରେ ଦୁଶ୍ଚିନ୍ତା ବସା ବାନ୍ଧିବ। କୌଣସି କାର୍ଯ୍ୟ ପ୍ରତି ଆଗ୍ରହ ରହିବ ନାହିଁ। କର୍ମହାନୀ ହେବାର ଆଶଙ୍କା। ଅହଂକାର ପାଇଁ ନିନ୍ଦିତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଅଶାନ୍ତି ଦେଖାଦେଇପାରେ।



**ତୁଳା:** ଅତ୍ୟଧିକ ପରିଶ୍ରମ ତଥା ଅନିୟମିତତା ବ୍ୟବହାର ଯୋଗୁଁ ଶାରୀରିକ କଷ୍ଟ ଅନୁଭବ କରିବେ। ମନରେ ଅଶାନ୍ତି ଲାଗି ରହିବ । ଦୂର ସ୍ଥାନରୁ ସୁସମ୍ବାଦ ପାଇ ସନ୍ଧ୍ୟାପରେ ଖୁସି ହେବେ।



**ବିଛା:** ମାନସିକତାର ଦୁର୍ବଳତା ଲାଗି ରହିବ । ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର। କୌଣସି ଦ୍ରବ୍ୟ ନଷ୍ଟ ହେତୁ ଦୁଶ୍ଚିନ୍ତା ଲାଗି ରହିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବାର ସୂଚନା।



**ଧନୁ:** ଶତ୍ରୁ ଆପଣଙ୍କ ପାଖରେ ମଥାନତ କରିବେ। ଯୋଜନା ମୁତାବକ ପୂର୍ବ ନିର୍ଦ୍ଧାରିତ କର୍ମ ସମ୍ପାଦନ କରି ଆନନ୍ଦିତ ହେବେ। ନୂତନ ଚିନ୍ତାଧାରା ସୃଷ୍ଟି ହେବ ।ରୋଜଗାର ଭଲ ହେବ। ଗୃହେ ଆନନ୍ଦ ।



**ମକର:** ଅନାଦର ବଢିବ । ଆତ୍ମଗର୍ବ ହେତୁ ନିନ୍ଦାର ଶିକାର ହେବେ । ପରଚର୍ଚ୍ଚା କରି ନୀଚ ଲୋକ ଠାରୁ ମାନହାନୀର ଆଶଙ୍କା। ପାରିବାରିକ ଅଶାନ୍ତି ବଢିବାର ସୂଚନା । ଦେହ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ।



**କୁମ୍ଭ:** ନିଜର କୃତ୍ୟ ବା କର୍ମଚାରୀ ବାର୍ତ୍ତାରେ ପରିଚାଳିତ ହେବେ । ଅଯଥା କଳହ ସୃଷ୍ଟି ହେବ । ମାନ ମନାନ୍ତର ଯୋଗ। ପାରିବାରିକ ଶାନ୍ତି ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା



**ମୀନ:** ନିର୍ଭୟରେ ସମସ୍ତ କାର୍ଯ୍ୟ କରି ଚାଲିବେ । ପରିଶ୍ରମ ଅନୁଯାୟୀ ଫଳ ଲାଭ ହେବ । କୁଟୁମ୍ବରେ ସୌହାର୍ଦ୍ଦ୍ୟ ବଜାୟ ରହିବ । ସାମାଜିକ ସ୍ତରରେ ଆପଣଙ୍କର ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୪।୨୦୨୬, ବୈଶାଖ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୭।୨୯ ଚନ୍ଦ୍ରୋଦୟ-ଦିଘ୮।୨୯।୧୮**

**ପଞ୍ଚମୀ-ରାଘ**୧।୨୩ପର୍ଯ୍ୟନ୍ତ । ମୃଗଶିରାନକ୍ଷତ୍ର ରାଘ୧୧।୫୮ପର୍ଯ୍ୟନ୍ତ **ବୃଷଚନ୍ଦ୍ର-୧।୩୦ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, କର୍କଟ, ସିଂହ, କନ୍ୟା,ଧନୁ, ମକର, ମୀନ ରାଶିର ।ଦିଘ ୧।୦୩ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଲା,ଧନୁ, ମକର ଓ କୁମ୍ଭ ରାଶିର **ଘାତ ଚନ୍ଦ୍ର-**ବିଛା ରାଶିରଦିଘ୧।୦୩ଗତେକନ୍ୟା ରାଶିର **ଶ୍ରାଦ୍ଧନିର୍ଣ୍ଣୟ-**ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ୧।୨୩ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୮ ଗତେ ଦିଘ ୧୦।୩୨ ମଧ୍ୟେ ଦିଘ୧।୦୩ଗତେ ଦିଘ୧।୨୦ ମଧ୍ୟେ । ପର୍ବୋତ୍ସବ-ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଆତଙ୍କୀ ନେଟୱର୍କରେ ଫାଟ

ପାକିସ୍ତାନ ଭିତରେ ଆତଙ୍କୀ ନେଟୱର୍କରେ ଫାଟ ଖବର ସାମନାକୁ ଆସିଛି। ଗୁଇନ୍ଦା ସୁତ୍ର ଅନୁସାରେ, ଲସ୍କର-ଇ-ତୋଇବା ଭିତରେ ନେତୃତ୍ୱକୁ ନେଇ ଚାଲିଛି ବଡ଼ ଧରଣର ସଂଘର୍ଷ। ଯାହାର କେନ୍ଦ୍ରରେ ରହିଛି ହାଫିଜ୍ ସଇଦ। କେବଳ ସେତିକି ନୁହେଁ ପାକିସ୍ତାନର ସେନା ଓ ଗୁଇନ୍ଦା ଏଜେନ୍ସି ଭିତରେ ମତଭେଦ ଗଭୀର ହେବାରେ ଲାଗିଛି। କୁହାଯାଉଛି ଯେ, ସେନା ମୁଖ୍ୟ ଅସୀମ ମୁନୀର ଏବେ ଆଇଏସଆଇର କାର୍ଯ୍ୟରେ ସନ୍ତୁଷ୍ଟ ନୁହଁନ୍ତି। ବିଶେଷ ଭାବରେ ୨୦୨୩ ପରେ ପାକିସ୍ତାନରେ ଭାରତ ପ୍ରତି ଶତ୍ରୁତା କରୁଥିବା ଆତଙ୍କବାଦୀଙ୍କ ରହସ୍ୟମୟ ହତ୍ୟା ଏବଂ ଟିଟିପି ଏବଂ ବିଏଲ୍ କାର୍ଯ୍ୟକଳାପକୁ ରୋକିବାରେ ବିଫଳତା ପରେ ଅସନ୍ତୁଷ୍ଟ ଅଛନ୍ତି ମୁନୀର। କିନ୍ତୁ ସବୁଠାରୁ ବଡ଼ ସଙ୍କଟ ଲସ୍କର-ଇ-ତୋଇବା ଭିତରେ ଚାଲିଛି। କୁହାଯାଉଛି ଯେ, ପାକିସ୍ତାନ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ପାଲଟିଛି। କାରଣ ଲସ୍କର ହେଉଛି ପାକିସ୍ତାନର ସବୁଠାରୁ ଖାସ୍ ଆତଙ୍କବାଦୀ ସଂଗଠନ। ଜୈଶ-ଇ-ମହମ୍ମଦଠାରୁ ଲସ୍କର ଉପରେ ଅଧିକ ବିଶ୍ୱାସ ପରେ ପାକିସ୍ତାନ। ଲସ୍କର ସଂଗଠନ ଭିତରେ ବହୁ ଲୋକ ହାଫିଜ ସଇଦର ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ ୭୬ବର୍ଷୀୟ ହାଫିଜ ସଇଦ ଏବେ ଦୁର୍ବଳ ହୋଇପଡ଼ିଛି। ତାକୁ ନୂଆ ନେତୃତ୍ୱଙ୍କ ପାଇଁ ବାଟ ଛାଡି ଦେବା ଦରକାର। ସଂଗଠନ ଭିତରେ ନମ୍ବର ୨ ସ୍ଥାନରେ ଥିବା ସୈଫୁଲାହ କସୁରୀ ବର୍ତ୍ତମାନ ସବୁଠାରୁ ମଜବୁଜ ଦାବିଦାର ରହିଛି। ୫୮ ବର୍ଷୀୟ କସୁରୀ ଖୋଲାଖୋଲି ଭାବରେ ନେତୃତ୍ୱ ପରିବର୍ତ୍ତନର ଦାବି କରୁଛି। ସବୁଠାରୁ ଖାସ୍ କଥା ଏହା ଯେ, ଯୁବ କ୍ୟାଡର ମଧ୍ୟ କସୁରୀକୁ ସମର୍ଥନ ଦେଉଛନ୍ତି। ସେଭଳି ଅନ୍ୟପକ୍ଷେ ପୁରୁଣା ଓ ଅନୁଭବୀ ସଦସ୍ୟ ଏବେ ବି ହାଫିଜ୍ ସଇଦ ସହିତ ଅଛନ୍ତି। ଏହି କାରଣରୁ ଆତଙ୍କୀ ସଂଗଠନ ବିଭାଜନ ଦେଖାଦେଇଛି। ଗୁଇନ୍ଦା ଅଧିକାରୀଙ୍କ ଅନୁଯାୟୀ, ଏହି ଉତ୍ତେଜନା ପ୍ରାୟ ଦୁଇ ବର୍ଷ ଧରି ଲାଗି ରହିଥିଲା। କିନ୍ତୁ ଗତ ବର୍ଷ ଅପରେସନ ସିନ୍ଦୁରରେ ଭାରତର ବଡ଼ ଧରଣର ଆକ୍ରମଣ ପରେ ଏହା ସାମ୍ନାକୁ ଆସିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନ ଆତଙ୍କବାଦୀ ସଂଗଠନ ଭିତରେ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା। ସୂତ୍ର ଅନୁସାରେ ଅନେକ ସଦସ୍ୟ ଆଶା କରିଥିଲେ ଯେ ହାଫିଜ୍ ସଇଦ ପାକିସ୍ତାନୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇବ, କିନ୍ତୁ ତାହା ହୋଇନଥିଲା। ମୁରିଦକେରେ ଏକ ପ୍ରମୁଖ ଆତଙ୍କବାଦୀ ଟ୍ରେନିଂ ସେଣ୍ଟର ନଷ୍ଟ ହେବାପରେ ହାଫିଜ୍ ସଇଦର ନୀରବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। କୁହାଯାଉଛି ଯେ, ପାକିସ୍ତାନ ସେନା ଓ ଗୁଇନ୍ଦା ଏଜେନ୍ସି ଆଇଏସଆଇ ମଧ୍ୟ ଏହି ପ୍ରସଙ୍ଗ ଉପରେ ଏକମତ ନୁହେଁ। ସେନା କସୁରୀକୁ ଆଗକୁ ଆଣିବାକୁ ଚାହୁଁଛି, ସେଭଳି ଆଇଏସଆଇ ମଧ୍ୟ ହାଫିଜ୍ ଉପରେ ଭରସା ପ୍ରକାଶ କରିଛି। ଆଇଏସ୍ଆଇ ମତରେ ସଇଦ 'ଟ୍ରାଏଡ୍ ଆଣ୍ଡ ଟ୍ରଷ୍ଟେଡ୍'। ସେଭଳି କସୁରୀକୁ ନେଇ ମଧ୍ୟ ଆଶାଙ୍କା ରହିଛି ଯେ, ସେ କେବେ ବି ନିୟନ୍ତ୍ରଣରୁ ବାହାରକୁ ଯାଇପାରେ। ଏହି କାରଣରୁ କେବଳ ଲସ୍କର ଭିତରେ ନୁହେଁ, ବରଂ ପାକିସ୍ତାନ ସରକାର ଓ ଆଇଏସଆଇ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---



### ଅଥଚ ଦୁର୍ଯ୍ୟୋଧନ

ଧବଳ କୁରୁତା ତଳେ
ପ୍ରାଚୁର୍ଯ୍ୟର ଆନାସ୍ଥେସିଆ
ଆଖି ସବୁ ଦେଖୁନି, କିନ୍ତୁ ଶରୀର ନିସ୍ତେଜ
ଯୁଦ୍ଧ ଭୂମିଛାଡି
ଦୁର୍ଯ୍ୟୋଧନ, କରେ ପଳାୟନ
ଲୁଚିବାକୁ ଆଉ ନାହିଁ ସ୍ଥାନ
ଶଙ୍ଖଧ୍ୱନି ଦିଏ ଭୀମସେନ
ପରିବାର କରେ ପ୍ରତିବିମ୍ବ
ସୂଚ୍ୟାଗ୍ର ମେଦିନୀ ପାଇଁ
ହରାଇ ପ୍ରାଚୁର୍ଯ୍ୟ
ଆଉକି, ହଜିଲା ଦ୍ରବ୍ୟ
ମିଳିବା ସମ୍ଭବ
ପଛେ ପଛେ ଗୋଡାଇଛି ସତ୍ୟ
କରି ସିଂହନାଦ ।
ସ୍ମୃତିସବୁ ଭାସିଯାଏ
ରକ୍ତନଦୀ ସ୍ରୋତେ
କାମ, କ୍ରୋଧ, ଲୋଭ, ମୋହ, ମାୟା
ସବୁ ମୁର୍ଦ୍ଦାର
କେ ତୋତେ କରିବ ପାରି
କହ ଦୁର୍ଯ୍ୟୋଧନ
ସବୁ ତ ଶବ ।
ଯେଉଁ ପାଦ ପଡିବା ପୂର୍ବରୁ
ଫୁଟୁଥିଲା ଲକ୍ଷେ ସ୍ୱର୍ଣ୍ଣ ପଦ୍ମ
ଜାନୁ ଭଗ୍ନ ହେବା ପରେ
ଆଉ ତ ଫୁଟିବ ନାହିଁ
ଚାହିଁ ଦେଖ
ଭାବିବାକୁ ଆଉ ନାହିଁ ବେଳ
ତୋ' ବିବେକ
ସାଜି ମହାକାଳ
ଘେନିଯିବ ତୋହର ଜୀବନ ।
..........

# ବୈଶାଖ ଶୁକ୍ଳ ତୃତୀୟା



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଆଷାଢ, କାର୍ତ୍ତିକ, ମାଘ ଓ ବୈଶାଖ ବିଶେଷ ପୁଣ୍ୟମାସ ଭାବରେ ଗଣ୍ୟ। ଏଥି ମଧ୍ୟରୁ ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ଦିବସଟି ଅକ୍ଷୟ ତୃତୀୟା ଭାବରେ ପ୍ରସିଦ୍ଧ। ସ୍କନ୍ଦ ପୁରାଣ-ଶ୍ରୀପୁରୁଷୋତ୍ତମ କ୍ଷେତ୍ରମାହାତ୍ମ୍ୟମ୍‌ରେ ଅକ୍ଷୟତୃତୀୟାକୁ କୁହାଯାଇଛି ଅକ୍ଷୟ ଓ ମୋକ୍ଷଦାୟିନୀ ଯାତ୍ରା । ଶାସ୍ତ୍ର, ପୁରାଣ, ଜ୍ୟୋତିର୍ବିଜ୍ଞାନ, ବିଜ୍ଞାନ ତଥା ବାସ୍ତୁ ଶାସ୍ତ୍ରଙ୍କ ମତରେ ଏ ଦିବସରେ କରାଯାଉଥିବା କୌଣସି ପୁଣ୍ୟକାମ ଓ ସମସ୍ତ ସଂକଳ୍ପର କେବେ କ୍ଷୟ ହୁଏନି। ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସର୍ବଶୁଭରେ ସଂପାଦିତ ହୋଇ ପୂର୍ଣ୍ଣତା ପ୍ରାପ୍ତ କରିଥାଏ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା କୃତ୍ତିକା ଓ ରୋହିଣୀ ନକ୍ଷତ୍ର ଯୁକ୍ତ ହୋଇ ଅକ୍ଷୟ ତୃତୀୟା ନାମରେ ନାମିତ ହୁଏ। କୁହାଯାଏ ଯେ ଏହିଦିନ ସତ୍ୟଯୁଗର ଆରମ୍ଭ ହୋଇଥିଲା। ଅକ୍ଷୟ ଅର୍ଥାତ୍ ନାସ୍ତି କ୍ଷୟୋ ଯସ୍ୟ। ଅକ୍ଷୟ ତୃତୀୟା ଏକ ପୁଣ୍ୟ ଦିବସ ହୋଇଥିବାରୁ ଏହି ଦିନ ଯେଉଁ କାର୍ଯ୍ୟ କରାଯାଏ ତାହା ନିଷ୍ଫଳ ଯାଏନାହିଁ । ଅକ୍ଷୟ ତୃତୀୟାକୁ ନାମାନ୍ତରେ 'ମନୋରଥ ତୃତୀୟା' ବୋଲି କୁହାଯାଏ । ବିଶେଷ ଫଳ ପ୍ରାପ୍ତି ପାଇଁ ମନୋରଥ ରଖି ଏ ଦିନ କାର୍ଯ୍ୟ ଆରମ୍ଭ କଲେ ତାହା ପୂର୍ଣ୍ଣ ହୁଏ । ଏହିଦିନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମ ଜନ୍ମ ହୋଇଥିଲେ। ଭଗବାନ ପର୍ଶୁରାମ ମହର୍ଷି ଜମଦଗ୍ନି ଓ ମାତା ରେଣୁକା ଦେବୀଙ୍କ ପୁଅ । ଭଗବାନ ପର୍ଶୁରାମ ଅକ୍ଷୟ ଅମର ଅଟନ୍ତି। ତେଣୁ ଏହିଦିନ ବିଷ୍ଣୁଙ୍କର ଉପାସନା ସହ ପର୍ଶୁରାମଙ୍କୁ ମଧ୍ୟ ପୂଜା କରାଯାଏ। ଯେଉଁ ତିଥିର ସବୁ ସମୟରେ ଶୁଭକାର୍ଯ୍ୟ ବା ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିହେବ ଏବଂ କୌଣସି ସମୟକୁ ବିବେଚନା କରାଯିବନାହିଁ ତାହାକୁ ଅବୁଝା ମୁହୂର୍ତ୍ତ କିମ୍ବା ସ୍ୱୟଂ ସିଦ୍ଧ ମୁହୂର୍ତ୍ତ ବୋଲି କୁହାଯାଏ। ଏହି ମୁହୂର୍ତ୍ତ ହେଉଛି ପବିତ୍ର ମୁହୂର୍ତ୍ତ। ଏହି ଦିନ ଦାନଧର୍ମ ଏବଂ ଶୁଭ କାର୍ଯ୍ୟ କରିବା ଦ୍ୱାରା ଅକ୍ଷୟ ଫଳ ବା ସୌଭାଗ୍ୟ ପ୍ରାପ୍ତି ହୁଏ। ଏହିଦିନ ସୂର୍ଯ୍ୟ ଓ ଚନ୍ଦ୍ର ଏକ ରାଶିରେ ରହିଥାଆନ୍ତି । ଏହିଦିନ ମାତା ଗଙ୍ଗାଦେବୀ ଧରାପୃଷ୍ଠରେ ଅବତରଣ କରିଥିଲେ । ଏହିଦିନ ସତ୍ୟ ,ଦ୍ୱାପର ଏବଂ ତ୍ରେତୟା ଯୁଗର ଗଣନା ଆରମ୍ଭ ହୋଇଥିଲା।। ଏହିଦିନ ପବିତ୍ର ନଦୀ ମାନଙ୍କରେ ସ୍ନାନ କରି ଦାନଧର୍ମ କରାଯାଏ । ଏହିଦିନ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କର ବିଶେଷ ଉପାସନା ସାରା ଜୀବନରେ ସୁଖ ସମୃଦ୍ଧି ଏବଂ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏହିଦିନ ଚାରିଧାମ ମଧ୍ୟରୁ ବଦ୍ରିନାଥ ମନ୍ଦିରର କବାଟ ଖୋଲା ରହିଥାଏ। ମହର୍ଷି ବେଦବ୍ୟାସ ମହାଭାରତ ରଚନା ଆରମ୍ଭ କରିଥିଲେ। ବୃନ୍ଦାବନର ବାଙ୍କବିହାରୀ ବିଗ୍ରହ ଚରଣ ଦର୍ଶନ ବର୍ଷକୁ ଥରେ କେବଳ ଅକ୍ଷୟ ତୃତୀୟା ଦିନ ହୋଇଥାଏ। ଏହି ଦିନ ଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବଙ୍କର ଜନ୍ମ ପ୍ରାଚୀ ଅବବାହିକା ସ୍ଥିତ କେନ୍ଦୁବିଲ୍ୱ ଗ୍ରାମରେ ହୋଇଥିଲା । ତୁଳସୀ କ୍ଷେତ୍ର କେନ୍ଦ୍ରାପଡାରେ ମା ରେବତୀ ଓ ବଡ ଠାକୁର ବଳରାମଙ୍କର ବିବାହ ହୋଇଥିଲା । ତେଣୁ ପ୍ରତି କାର୍ଯ୍ୟର ଗୋଟିଏ ଶୁଭ ଅନୁକୂଳ ପାଇଁ ଆମେ ସର୍ବଦା ଖୋଜିଥାଉ ଏକ ଅନୁକୂଳ ବାତାବରଣ ସେଦିନର ତିଥି ଓ ନକ୍ଷତ୍ର କିନ୍ତୁ ଅକ୍ଷୟ ତୃତୀୟା ତିଥି ପାଇଁ ଲୋଡାନାହିଁ ଦେଖିବାକୁ କିଛି ଶୁଭ ମୁହୂର୍ତ୍ତ । ସେହିଦିନ ସୂର୍ଯ୍ୟ ଉଦୟରୁ ଅସ୍ତ ଏବଂ ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଯାଏଁ ଥାଏ ଶୁଭ ସମୟ । ତେଣୁ ନାମକରଣ, ଗୃହ ପ୍ରତିଷ୍ଠା, ବିବାହ, ବ୍ରତଘର ଦେବତା ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠା , ଦୀକ୍ଷାଗ୍ରହଣ, ବିପଣି ଆରମ୍ଭ, ନୂତନ ଗାଡିକ୍ରୟ,ନୂତନ ବ୍ୟବସାୟ, ହଳପ୍ରବାହ, ଚାଷବାସ ଅନୁକୂଳ, ବୀଜ ବପନ ସମସ୍ତ କାର୍ଯ୍ୟର ଶୁଭ ଅନୁକୂଳ କରିବାର ସୁନ୍ଦର ଦିବସ ହେଉଛି ଅକ୍ଷୟ ତୃତୀୟା କାରଣ ଏ ତିଥିର କ୍ଷୟ ନାହିଁ ଯେମିତି କୌଣସି କାର୍ଯ୍ୟ ଅନୁକୂଳ କଲେ ତାହା ନିଷ୍ଫଳ ଯାଏନାହିଁ ବୋଲି ଶାସ୍ତ୍ର ସମ୍ମତ । ଏହିଦିନ ସୁନାରୁପା କିଣିବା ଦ୍ୱାରା ଗୃହରେ ସୁଖ ସମୃଦ୍ଧି ବୃଦ୍ଧି ହୁଏ ଏବଂ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ପ୍ରାୟ ପ୍ରତ୍ୟେକ ଘରେ ନୂତନ ସ୍ୱର୍ଣ୍ଣ ବସ୍ତୁଟିଏ ଘରକୁ କିଣି ଆଣିବାର ପ୍ରବାଦ ଅଛି । ଏହିଦିନ କୁବେର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିଥିଲେ ଏବଂ ତାଙ୍କ କୃପାରୁ କୋଷାଧକ୍ଷ ଭାବରେ କାର୍ଯ୍ୟ ନିର୍ବାହ କଲେ । ଏହି ଦିନ ଦେବୀ ଅନ୍ନପୂର୍ଣ୍ଣା ଜନ୍ମ ହୋଇଥିଲେ ଏହିଦିନ ଭଗବାନ କୃଷ୍ଣ ନିର୍ବାସନରେ ଥିବା ପାଣ୍ଡବଙ୍କୁ ଅକ୍ଷୟ ପାତ୍ର ଦାନ କରିଥିଲେ ଯାହାସେମାନଙ୍କୁ କେବେ ଭୋକିଲା ରଖିବ ନାହିଁ । ଏହିଦିନ ଜୈନଧର୍ମରେ ଆଦିନାଥଙ୍କୁ ସ୍ମରଣ କରିବା ପାଇଁ ପାଳନ କରାଯାଏ।

ଓଡ଼ିଶାର ଲୋକେ କୃଷି ଉପରେ ନିର୍ଭରଶୀଳ । କୃଷି ଆମ ଜନ ଜୀବନକୁ ସମୃଦ୍ଧ କରିଥାଏ। ଓଡିଆ ମାଟିର ଅନୁକୂଳ ତିଥି ହେଉଛି ଅକ୍ଷୟ ତୃତୀୟା । ବର୍ଷ ବର୍ଷ ଧରି ମରୁଡି,ବାତ୍ୟା, ବନ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟ ପଶୁ ମାନଙ୍କର ଅତ୍ୟାଚାର ସହି ମଧ୍ୟ ଚାଷୀ ତାର ଜୀବିକା ହରେଇନି। କୃଷି ପାଇଁ କୃଷି ଉପକରଣ ହଳ, ଲଙ୍ଗଳ , ବିହନର ଶୁଭ ଅନୁକୂଳ ପାଇଁ ସେ ଲୋଡେ ବସୁଧା ମାତା, ଲକ୍ଷ୍ମୀ ,ସୂର୍ଯ୍ୟ ନାରାୟଣ ଓ ବର୍ଷା ପାଇଁ ଇନ୍ଦ୍ରଦେବଙ୍କ ଆଶୀର୍ବାଦ। କୃଷକର ଆଦ୍ୟ କୃଷିପର୍ବ ଅକ୍ଷୟ ତୃତୀୟାରେ, ଅକ୍ଷିମୁଠି ଅନୁକୂଳ କରାଯାଏ। ଏହିଦିନ କୃଷକ ସ୍ନାନପରେ ନୂଆ ଧଳାଲୁଗା ପିନ୍ଧି ନୂଆ ଗାମୁଛା ମୁଣ୍ଡରେ ଭିଡି ଧାନ ବିହନ ଗୌଣୀକୁ ଡାଳି ଉଛୁଳି ପଡୁଥିବା ଗୌଣୀକୁ ବେତୁଲିରେ ରଖି ଶ୍ୱେତବସ୍ତ୍ରରେ ଢାଙ୍କି ବିଲକୁ ନିଆଯାଏ । କୃଷି ସ୍ଥଳକୁ ଗୋବରରେ ଲିପି ଝୋଟି ମୁରୁଜ ପକାଇ ଲକ୍ଷ୍ମୀ ପାଦ ଆଦି ପକାଇ ପବିତ୍ରତାର ସହିତ ବିହନ ଜମିକୁ ଯିବା ପୂର୍ବରୁ ନୂଆ ଗୌଣୀ ବେତୁଲି, ଖତ ନିମନ୍ତେ ଉଦ୍ଦିଷ୍ଟ ନୂଆ ଟୋକେଇ ସମସ୍ତ କୃଷି ଉପକରଣ ହଳ, ଲଙ୍ଗଳ, କୋଡି, କୋଦାଳ, କାଙ୍କ, ଦାଆ ଆଦି ପରିଷ୍କାର କରି ଧୋଇ ହଳଦୀ, ଚନ୍ଦନ ସିନ୍ଦୂର ଲଗାଇ ଶଙ୍ଖ ହୁଳହୁଳି ସହିତ ନଡିଆ ବାଡେଇ ପାଣି କ୍ଷେତ ସାରା ଛିଂଚି କଦଳୀ, ତାଳ, ଖଜୁରୀ କୋଳି ଛେନାଗୁଡ ଆଦି ଭୋଗରାଗ କରି, କଞ୍ଚାକ୍ଷୀରରେ ଅର୍ଘ୍ୟ ପ୍ରଦାନ କରନ୍ତି ମୁଣ୍ଡ ନୁଆଇଁ ଇଷ୍ଟଦେବ, ବସୁଧାମାତା, ଲକ୍ଷ୍ମୀମାତା, ଇନ୍ଦ୍ରଦେବତା, ବରୁଣଦେବତା, ସୂର୍ଯ୍ୟ ଦେବତା ଆଦିଙ୍କୁ ପ୍ରଣାମ କରି ସେ ବର୍ଷର କୃଷି ଓ ଭଲ ଫସଲ ହେବାର କାମନା କରି ପ୍ରାର୍ଥନା କରିଥାନ୍ତି। ଦେବତାଙ୍କୁ ସ୍ମରଣ କରି ଅକ୍ଷି ତିନି ମୁଠି ନେଇ କାଙ୍କ କୋଦାଳରେ ମାଟି ଖୁରୁସେଇ ଖତ ପକାଇ ବୀଜ ବପନ କରେ । କ୍ଷେତରେ ଭୋଗ ଲାଗିଥିବା ପ୍ରସାଦକୁ ପିଲାଛୁଆଙ୍କୁ ବାଣ୍ଟି ଦିଅନ୍ତି ପିଠାପଣା କରି ଖାଇପିଇ ଅକ୍ଷୟ ତୃତୀୟାକୁ ଶ୍ରଦ୍ଧାରେ ପାଳନ କରନ୍ତି । କୁହାଯାଏ ଯେ ଅକ୍ଷୟ ତୃତୀୟାଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ ଧାନବୁଣାର ପ୍ରକୃଷ୍ଟ ସମୟ ।

ପବିତ୍ର ଅକ୍ଷୟ ତୃତୀୟା ଦିନଠାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଥାଏ ବଡ଼ଦାଣ୍ଡର ରଥଖଳାରେ। ଯଦିଓ ବସନ୍ତ ପଞ୍ଚମୀରେ ଶୁଭ ଅନୁକୂଳ ହୋଇଥାଏ କିନ୍ତୁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଠାକୁରଙ୍କର ଅକ୍ଷୟ ତୃତୀୟାର ଅନୁକୂଳ ଲଗନରେ। ଏହିଦିନ ମଧ୍ୟ ଆରମ୍ଭ ହୋଇଥାଏ ପ୍ରଭୁଙ୍କର ବାରମାସରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ଆଦ୍ୟ ଯାତ୍ରା ଚନ୍ଦନ ଯାତ୍ରା । ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣି ବାରମାସରେ ଅନୁଷ୍ଠିତ ହୁଏ ତେର ଯାତ୍ରା, ସତେଇଶ ଉପଯାତ୍ରା ଏବଂ ଶତାଧିକ ପର୍ବପର୍ବାଣି। ତନ୍ମଧ୍ୟରୁ ଚନ୍ଦନ ପର୍ବ ବା ଚନ୍ଦନ ଯାତ୍ରା ଅନ୍ୟତମ। ଓଡିଶାର ପୁରପଲ୍ଲୀରେ ଥିବା ମନ୍ଦିର ମାନଙ୍କରେ ଯଥା ରଘୁନାଥ, ଲିଙ୍ଗରାଜ, ଶିବ, ଗୋପିନାଥ, ନୃସିଂହ ଓ ଅନ୍ୟାନ୍ୟ ମନ୍ଦିର ମାନଙ୍କରେ ମଧ୍ୟ ୨୧ ଦିନ ବ୍ୟାପି ଚନ୍ଦନ ଯାତ୍ରା ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଅନୁଷ୍ଠିତ ହୁଏ। ଏହି ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଶେଷ ହୁଏ ସ୍ନାନ ଯାତ୍ରାରେ। ଅକ୍ଷୟ ତୃତୀୟାରେ ପ୍ରଭୁଙ୍କର ହୁଏ ଚନ୍ଦନ ବେଶ । ଠାକୁରଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା ହେଉଛି ପ୍ରଥମ ଯାତ୍ରା ଏହି ଅକ୍ଷୟ ଯାତ୍ରା ଦିନ ଆରମ୍ଭ ହୁଏ ମହାପ୍ରଭୁଙ୍କର ୨୧ ଦିନ ଧରି ବାହାର ଚନ୍ଦନ ଯାତ୍ରା ଏବଂ ଅନ୍ୟ ୨୧ ଦିନ ଭିତର ଚନ୍ଦନ ଯାତ୍ରା । ବାହାର ଚନ୍ଦନରେ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ ଓ ଲକ୍ଷ୍ମୀ ସରସ୍ୱତୀଙ୍କ ସହିତ ନରେନ୍ଦ୍ରକୁ ବିଜେ କରନ୍ତି ଚାପ ଖେଳିବାକୁ। ଶ୍ରୀମନ୍ଦିରରୁ ନରେନ୍ଦ୍ର ଯାଏଁ ଠାକୁରଙ୍କର ଜୟଘୋଷରେ ଗଗନ ପବନ ପ୍ରକମ୍ପିତ ହୁଏ । ନରେନ୍ଦ୍ର ଯାତ୍ରା ସମୟରେ ଖୋଳ, କରତାଳ, ଭେରୀ, ତୁରୀ ନିନାଦରେ ନିଳାଚଳ ଧାମ ମୁଖରିତ ହୋଇଉଠେ। ରାସ୍ତାରେ ଚନ୍ଦନ ଛିଟା ଓ ସୁବାସିତ ଜଳରେ ଭକ୍ତ ମାନଙ୍କର ବସ୍ତ୍ର ଓ ହୃଦୟ ଆର୍ଦ୍ର ହୋଇଯାଏ। ଜୟଦେବଙ୍କର ଗୀତଗୋବିନ୍ଦ ପାଠ କରାଯାଏ। ମଣିବିମାନରେ ଯାତ୍ରା କରନ୍ତି ଶ୍ରୀ ବିଗ୍ରହ ମାନେ ତାଙ୍କ ସହିତ ପଞ୍ଚୁପାଣ୍ଡବ ବା ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଥିବା ପଞ୍ଚ ଶିବ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେୟ, କପାଳ ମୋଚନ , ନୀଳକଣ୍ଠ ଯାତ୍ରା କରିଥାନ୍ତି ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ । ଶ୍ରୀ ଜୀଉ ମାନେ ନରେନ୍ଦ୍ରକୁ ବିଜେ କରିବା ବାଟରେ ନଅର ଦ୍ୱାରରେ ଅଟକି ରଥଯାତ୍ରା ପାଇଁ ରଥଗଢା କାର୍ଯ୍ୟକୁ ଅନୁମତି ପ୍ରଦାନ କରନ୍ତି । ତାପରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରନ୍ତି । ନରେନ୍ଦ୍ରରେ ରହିଥାଏ ଦୁଇଗୋଟି ସୁସଜ୍ଜିତ ନୌକା। ସେଠାରେ ୨୧ ଦିନ ବ୍ୟାପି ହୁଏ ଚାପ ଖେଳ। ଯାତ୍ରାର ଅନ୍ତିମ ଦିବସରେ ହୁଏ ଭଉଁରୀ ଯାତ୍ରା । ହଳଦୀ ପାଣି ଉତ୍ସବ । ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ପ୍ରସ୍ତୁତ ହୋଇଥାଏ ଘୋରା ଚନ୍ଦନ, ଛତି, ଛାୟା ତୋରଣ, ସୁବାସିତ ପୁଷ୍ପର ଜଳକୁଣ୍ଡ, ମାଣ୍ଡୁଅ ଭୋଗ । ବାହାର ଚନ୍ଦନର ୨୧ ଦିନ ପରେ ଅନୁଷ୍ଠିତ ହୁଏ ଭିତର ଚନ୍ଦନ ଯାତ୍ରାର ଅନ୍ୟ ୨୧ ଦିନ ଏହି ସମୟରେ ଭିତର ଚନ୍ଦନରେ ଶ୍ରୀଜୀଉ ମାନଙ୍କ ସମସ୍ତ ରୀତି ନୀତି ଶ୍ରୀ ମନ୍ଦିର ବେଢାରେ ସମାପନ କରାଯାଏ । ଅକ୍ଷୟ ତୃତୀୟାରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କୁ ଜନାର୍ଦ୍ଦନ ରୂପରେ କଳ୍ପିତ କରାଯାଏ। ଏହି ଚନ୍ଦନ ଯାତ୍ରା ବା ଚନ୍ଦନ ପର୍ବ ବହୁ ପ୍ରାଚୀନ। ଦେବଙ୍କର ଏହି ଚନ୍ଦନ ସରୋବରକୁ ଯାତ୍ରା, ଚନ୍ଦନ ଲାଗି, ଚନ୍ଦନ କୁଣ୍ଡ ସ୍ନାନ, ଜଳ ମଣ୍ଡପ ପୂଜା, ଚାପଖେଳ, ଚାପକେଳି ଦର୍ଶନ କଲେ ପୁଣ୍ୟ ଅର୍ଜନ ହୁଏ ବୋଲି ପ୍ରବାଦ ଅଛି ।

କୃଷକ ତଥା ସମସ୍ତ ସମାଜ ପାଇଁ ଅକ୍ଷୟ ତୃତୀୟା ପର୍ବ ମହାନତାର ବାର୍ତ୍ତା ବହନ କରେ। କୃଷକ ମାଟିକୁ ମା' ମନେକରି ମା' ର ପୂଜନ କରି ଜଗତ ହିତ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅନ୍ନ ସୃଷ୍ଟି କରେ। ଶୁଷ୍କ ନିରସ ଜୀବନରେ ଅକ୍ଷୟ ତୃତୀୟା ଭରିଦିଏ କର୍ମ ତତ୍ପରତା । ଏହିଦିନରୁ ସେ ଲାଗିପଡେ ଚାଷ ବାସରେ । ଶ୍ରୀ କ୍ଷେତ୍ର ମୁଖରିତ ହୋଇଉଠେ କାଳିଆର ବାରମାସର ଯାତ୍ରା ପାଳିବା ପାଇଁ ଏହି ଅକ୍ଷୟ ତୃତୀୟାର ଅନୁକୂଳ ତିଥିରୁ ।

# ଗୀତି ନାଟ୍ୟର ଅନନ୍ୟ ବିନ୍ଧାଣି ଗୋପାଳ ଦାଶ-୩

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ସେ ସମୟର ରାଜରାଜୁଡ଼ା, ମୁନି, ଋଷି – ଆୟୋଜନ କରନ୍ତି ଯଜ୍ଞକର୍ମ। ଯଜ୍ଞରେ ଘୃତାହୁତି, ଅଗ୍ନି ଦେବତା ସନ୍ତୁଷ୍ଟ। ଠିକ୍ ସମୟରେ ଇନ୍ଦ୍ର ବର୍ଷା କରନ୍ତି, ପୃଥିବୀ ଶସ୍ୟ ଶ୍ୟାମଳା ହୁଏ। ଯାଜ୍ଞିକ କର୍ମରୁ ନାନା ପୁଣ୍ୟ ମିଳେ। ବିଭିନ୍ନ ପାପରୁ ମୁକ୍ତି ମିଳେ। ପଣ୍ଡୁ ବ୍ରହ୍ମହତ୍ୟା ପାପରେ ଚିନ୍ତିତ। ଏଥିପାଇଁ ଲୋଡ଼ା ରାଜସୂୟ ଯଜ୍ଞ – "ଗଣି ଲକ୍ଷେ ନୃପ ଜିଣିଣ ପ୍ରତାପ ଦିଆଇବ ନିମନ୍ତ୍ରଣ ହେ / ଜଣେ ଜଣେ ଲୋଡ଼ି ଆଣହେ / ଗଣି ଦେଉଥିବ ଦାନ / ଜାଣି ଯାହାର ଯେ ଦ୍ରବ୍ୟମାନ / ଷୋଳ ଦିନ ଯାଏ ଆହୁତି ହୋଇବ / ନଳ ସୌରୀ ଗୌରୀ ରନ୍ଧନ ହୋଇବ / ସମସ୍ତେ ହୋଇବେ ତୃପ୍ତ / ଶତ୍ରୁମିତ୍ର ନ ବାରିବ / ଟିକେ ଗୋପାଳକୁ ଚାହିଁଥିବ।" ଏ ଥିଲା ରାଜସୂୟ ଯଜ୍ଞର ନିୟମ। ଯଜ୍ଞ କ୍ରିୟା ସେବେ ଥିଲା। ଅଧୁନା ଅଛି। ବିଭିନ୍ନ ମଠ, ପୀଠ, ମନ୍ଦିରରେ ଯଜ୍ଞାନୁଷ୍ଠାନ ହୋଇଆସୁଛି।

କ୍ରୀଡ଼ା ଜୀବନର ଏକ ମୁଖ୍ୟ ବିଭାବ। ଅବସର ବିନୋଦନ, ଆନନ୍ଦ ପ୍ରାପ୍ତି ତଥା ସୁସ୍ଥ ଶାରୀରିକ ଜୀବନ – ସବୁ ପାଇଁ କ୍ରୀଡ଼ା ଅନିବାର୍ଯ୍ୟ। ସେ ସମୟରେ ପଶା ଖେଳର ଗୁରୁତ୍ୱ ଥିଲା। ସ୍ୱାମୀ-ସ୍ତ୍ରୀ – ଉଭୟ ପଶା ଖେଳୁଥିଲେ। ଏପରିକି ରୁକ୍ମିଣୀ-ଶ୍ରୀକୃଷ୍ଣ, ଲକ୍ଷ୍ମୀ-ନାରାୟଣ ବି। ଦ୍ୟୁତ କ୍ରୀଡ଼ାରତ ହସ୍ତିନା ନରେଶ ଦୁର୍ଯ୍ୟୋଧନ ଆଉ ଯୁଧିଷ୍ଠିର। ଏଥିରେ ବାଜି ଲାଗିଲା। ଦ୍ୟୁତ କ୍ରୀଡ଼ାରେ ପରାଜିତ ଯୁଧିଷ୍ଠିର। ରାଜ୍ୟ ହରାଇଲେ। ଏପରିକି ପତ୍ନୀ ଦ୍ରୌପଦୀକୁ। ଦ୍ରୌପଦୀର ବସ୍ତ୍ରହରଣ ଠାରୁ ମହାଭାରତର ଘୋର ରଣ – ଏହାର ମୂଳ ଅୟମାରମ୍ଭ ଦ୍ୟୁତକ୍ରୀଡ଼ାରୁ। ପରିଣତି ମଧ୍ୟ ଭୟଙ୍କର। ଦ୍ୱାରକାରେ ପଶାଖେଳ। ସତ୍ୟଭାମାଙ୍କର ମାୟାଧରଙ୍କୁ କଟାକ୍ଷ, "ମାୟାଧର ବୋଲି ସତ୍ୟ ବୋଲନ୍ତି ଜଗତେ / ଛାୟାପରି ଅଛି ରହି କି ଦେଖିଲେ ଏଥେ ନଟନାଗର ହେ / ମୋହ ସଙ୍ଗେ ପଶାକ୍ରୀଡ଼ା ଦ୍ୱାରେ ଏକ ମୂର୍ତ୍ତି / ଏକି ଆଶ୍ଚର୍ଯ୍ୟ ଘଟଣା ଘଟାଇଲେ ଏଥି ନଟ ନାଗର।"

ବାରନାରୀମାନେ କାଳେକାଳେ ସମାଜରେ ଅଛନ୍ତି। ସେ ସମୟରେ ରାଜା ରାଜୁଡ଼ା; ଏକାଧିକ ବିବାହ ବନ୍ଧନାବଦ୍ଧ। ତଥାପି ସୁନ୍ଦରୀ ନାରୀ-ରମଣ ଲିପ୍ସାରୁ ମୁକ୍ତ ନ ଥିଲେ। ଅନେକ ସୁନ୍ଦରୀ ପତିତା ହେବାର ମୁଖ୍ୟକାରଣ ଏହିମାନେ। ଏହାର ଏକ ପ୍ରକୃଷ୍ଟ ଉଦାହରଣ 'ଅମ୍ବାପଲ୍ଲୀ'। ତାଙ୍କ ପ୍ରତି ରାଜା ବିମ୍ବିସାର ଆସକ୍ତ। ଅମ୍ବାର ତନୁତୀର୍ଥରେ ଅବଗାହନ କରିଛନ୍ତି ବିମ୍ବିସାର। ତା'ପରେ ଅମ୍ବାପଲ୍ଲୀ ଗଣ ଭୋଗ୍ୟା। ଜୀବିକା ନିର୍ବାହ ଅବା ଆମୋଦ ପ୍ରମୋଦ ପାଇଁ ଅନେକ ପାଲଟନ୍ତି ରୂପଜୀବୀ। ଉଦ୍‌ଭ୍ରାନ୍ତ ଯୁବକଙ୍କର କାମଲାଳସା ଚରିତାର୍ଥରେ ଏଇମାନେ ସହାୟକ। ଶତ ଶତ ସତୀ, ସାଧ୍ୱୀଙ୍କ ସିନ୍ଦୂର ଅତୁଟ ରହିବାରେ ଏମାନଙ୍କ ଭୂମିକା ପ୍ରଶଂସନୀୟ। ଏତଦ୍‌ଭିନ୍ନ କାମିନୀ, କାଞ୍ଚନ ମୋହରୁ କିଏ ବା ମୁକ୍ତ? ଏପରିକି ଭୈମୀ (ଦମୟନ୍ତୀ) ସ୍ୱୟମ୍ବରରେ ଦେବତାମାନେ ଛଦ୍ମବେଶରେ। ମୁନି, ଋଷିମାନଙ୍କ ଠାରେ ମଧ୍ୟ ସ୍ଖଳନ ପରିଲକ୍ଷିତ। ପ୍ରବୃତ୍ତିରୁ ନାହିଁ ନିବୃତ୍ତି। ମହାଭାରତରେ ପରାଶର-ସତ୍ୟବତୀ ପ୍ରସଙ୍ଗ। ଋଷି ପରାଶରଙ୍କର ଉଗ୍ର କାମଲାଳସାର ଏକ ନଗ୍ନ ଚିତ୍ର। ଅନୁରୂପ ଭାବେ ଋଷି ଋଷ୍ୟଶୃଙ୍ଗ, ଜରତା ଉପାଖ୍ୟାନ। ଅଯୋଧାରେ ଅନାବୃଷ୍ଟି, ଚାରିଆଡ଼େ ମଡ଼କ, ଦୁର୍ଭିକ୍ଷ। ଜରତା ବେଶ୍ୟା। ଋଷିଙ୍କ ମନ ତୋଷିବା ପୂର୍ବକ ଆମନ୍ତ୍ରଣ କରି ଆଣିବେ, ଋଷ୍ୟଶୃଙ୍ଗଙ୍କ ନିକଟରେ ଜରତା ସୁନ୍ଦରୀ ଉପସ୍ଥିତା। ନବୀନ ବାଳୀ, ଗଜଗାମିନୀ, ମୃଗନୟନା, କର୍ପୂର ଚନ୍ଦନ ଗନ୍ଧା, ମଲ୍ଲୀ ଅତର ବାସ୍ନାୟିତା, ପହଞ୍ଚିଲେ ଋଷ୍ୟଶୃଙ୍ଗଙ୍କ ନିକଟରେ। ଋଷ୍ୟଶୃଙ୍ଗଙ୍କ ଧୃତିଭଙ୍ଗ – "ପଡ଼ି ଉଠି ଖରେ ବେଶ୍ୟାକୁ ଗାଢ଼ରେ / କୋଳ କଲେ ଋଶ୍ୟଶୃଙ୍ଗ / କେ ଦେଖାଏ ସ୍ତନ କେ ଦିଏ ଚୁମ୍ବନ / ଅଙ୍ଗେ ଘାରିଲା ଅନଙ୍ଗ।" ବିଭୋର ଋଷି। ଜରତା ସହ ନୌକାରେ ଉପବେଶନ। ଚଳିଲେ ଚମ୍ପାବତୀ ନଗ୍ରକୁ। ଇନ୍ଦ୍ର ବର୍ଷିଲେ, ପୃଥିବୀ ହସିଲା। ନଗ୍ରଜନେ ପୁଲକିତ। ଏ ଅସମ୍ଭବ ସମ୍ଭବ ହେଲା ଜରତା ପାଇଁ। ବେଶ୍ୟା ହେଲେବି ସମାଜ ମଙ୍ଗଳରେ ତା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ରାଜା, ମହାରାଜାଙ୍କ ଦରବାର। ଥିଲା କେଳିକକ୍ଷ। ବିଭିନ୍ନ ପ୍ରକାର ନୃତ୍ୟ, ବାଦ୍ୟ ପରିବେଷଣ। ପାରିଷଦବର୍ଗ ଆନନ୍ଦ ନିଅନ୍ତି, ମୋଗଲ ବାଦଶାହାଙ୍କର ଦରବାର, ନୃତ୍ୟ, ଗୀତରେ ସଦା ରଙ୍ଗାରଙ୍ଗ। ପୁରାଣ ପୃଷ୍ଠାରେ ଏଭଳି ନଜିରର ଅଭାବ ନାହିଁ। ପୁରୁଷୋତ୍ତମଦେବଙ୍କ ପତ୍ନୀ ପଦ୍ମାବତୀ। ରାଜାଙ୍କର କେଳିକକ୍ଷ। ନର୍ତ୍ତକୀମାନେ ଆନନ୍ଦରେ ପ୍ରମତ୍ତା- "ଗାଅ ଗାଅ ସର୍ବେ ମିଳି ପ୍ରେମେ ପ୍ରେମେ ମଜ୍ଜିଣ / ପ୍ରେମେ ଗାଅ, ପେମେ ଧାଅଁ, ପ୍ରେମେ ବେଗେ ସାଜିଣ / ପ୍ରେମେ ମନ୍ତ୍ର ବାଜୁ ଧୀରେ, ପ୍ରେମେ ନାଚ ଧୀରେ ଧୀରେ / ପ୍ରେମରେ ପୂରିବ ଧୀର ପ୍ରେମେ ନାଦ ଶୁଣିଣ / ପ୍ରେମେ ଭାସ ଆନନ୍ଦରେ ପ୍ରେମେ ଉଠୁ ତରଙ୍ଗରେ / ପ୍ରେମ ଲହରୀ କହେ ଦ୍ୱିଜ ଗୋପାଳ ଚରଣ" ଇତ୍ୟାଦି। ସମାଜରେ ପାଳିତ ବାର ମାସରେ ତେର ପର୍ବପର୍ବାଣି। ତନ୍ମଧରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପୃଥିବୀ ପ୍ରସିଦ୍ଧ। ଉକ୍ତ ମହୋତ୍ସବ ଏକତା, ସମନ୍ୱୟର ପ୍ରତୀକ। କବି ଗୋପାଳ ଦାଶ 'କାଞ୍ଚିଯୁଦ୍ଧ'ର ଅବତାରଣା କରିଛନ୍ତି। ତତ୍‌ସହିତ ଗୁଣ୍ଡିଚା ଯାତ୍ରା କଥା ବର୍ଣ୍ଣନା କରିଛନ୍ତି। "ଧନ୍ୟ ଧନ୍ୟ ଗୁଣ୍ଡିଚା ରାଣୀ / କେଡ଼େ ଶୋଭା ଦିଶୁଅଛି ଧରଣୀ / ଜନ ଗହଳେ ଛାତି ଭିଡ଼ାଭିଡ଼ି / ଲକ୍ଷେ ଲକ୍ଷେ ଗରଜେ ବେତ ବାଡ଼ି / ତିଳ ପ୍ରମାଣ ଆଉ ସ୍ଥାନ ନାହିଁ / କେ ଡାକୁଛି ଆସ ଆସ ପଳାଇ / ଲକ୍ଷେ ଛତ୍ର ଉଡ଼େ ବାଜେ କାହାଳୀ / ସାଗର କମ୍ପାଉଛି ହୁଳହୁଳି / ନୃପତି କରନ୍ତି ଛେରା ପହଁରା / ଗୋପାଳ ବୋଲେ ନାଚେ ଅପସରା।"

କାଞ୍ଚି ଅଭିଯାନ ପ୍ରଥମ ପଦକ୍ଷେପରେ ଗଜପତି ପୁରୁଷୋତ୍ତମ ଦେବ ପରାସ୍ତ। ଶରଣାପନ୍ନ ପ୍ରଭୁ ଶ୍ରୀଚରଣେ। ଭକ୍ତ ବଲ୍ଲଭ ଜଗନ୍ନାଥ। ଶୁଣିଲେ ଠାକୁର ରାଜାଙ୍କ ପ୍ରାର୍ଥନା। ଦୁଇଭାଇ ବିଜେ କଳାଧଳା ଘୋଡ଼ାରେ। ଚିଲିକା ତଟରେ ମାଣିକି ଗଉଡୁଣୀର ଦହିବିକା। ସ୍ୱହସ୍ତରେ ଦଧି ପରଶିଲା ମାଣିକୀ ମହାପ୍ରଭୁଙ୍କୁ – "ସ୍ୱହସ୍ତରେ ଦହି ଦେଇ ସ୍ଥିର କର ଦେହକି / କ୍ଷୁଧା ବଡ଼ ବ୍ୟସ୍ତ କରେ ଆମ୍ଭ ଦୁଇ ଭାଇଙ୍କି / ପୁରୀ କ୍ଷେତ୍ରେ ଆମ୍ଭ ଘର, ଚଳୁଛୁ କାଞ୍ଚି ନବର / ସେଠାରେ ହେବ ସମର / ପ୍ରବେଶିବୁ ଯାଇଁ କି / କ୍ଷତ୍ରିୟ କୁଳ ଧାରଣ / ଯୁଦ୍ଧ ବିଦ୍ୟାରେ ନିପୁଣ / କହେ ଗୋପାଳ ଚରଣ / ଅପସର ନାହିଁକି।" ପ୍ରଭୁଙ୍କର ଦଧିପାନ, କଉଡ଼ି ପରିବର୍ତ୍ତେ ରଖି ମୁଦ୍ରିକା ପ୍ରଦାନ, ଯୁଦ୍ଧ ଭୂମିକୁ ଦୁଇ ଭାଇଙ୍କ ପ୍ରସ୍ଥାନ, ଗଜପତି ପୁରୁଷୋତ୍ତମଦେବଙ୍କ ମାଣିକୀ ସହ ସାକ୍ଷାତ। ଗଜପତିଙ୍କ ମାଣିକୀକୁ ପ୍ରଶଂସା – "ଧନ୍ୟ ଗୋପାଳୁଣୀ ତୁମ୍ଭ ପୁଣ୍ୟ ପୁଣି / ପୂର୍ବରୁ କି ଜାଣି ରଖିଲ ଜଗତ ଚିନ୍ତାମଣି ସଙ୍ଗେ ହଳପାଣି / ବେନି ନେତ୍ରେ ତାଙ୍କୁ ଦେଖିଲ ଗୋ।" ମାଣିକୀ ଠାରୁ ଶ୍ରୀବତ୍ସ ଅଙ୍ଗୁଷ୍ଠି ଗ୍ରହଣ କଲେ ଗଜପତି। ଗ୍ରାମଟିଏ ଖଞ୍ଜା କରିଦେଲେ। ଏବେ ସେଇ ଗାଁ 'ମାଣିକୀ ପାଟଣା'। ଏ ସବୁ କିମ୍ବଦନ୍ତୀର କଥା; ମାତ୍ର ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଇତିହାସ, ତାହା ଅପେକ୍ଷା କିମ୍ବଦନ୍ତୀ ଜନଚିତ୍ତରେ ସଦା ବଳବତ୍ତର। ଏହା ବେଶ୍ ପ୍ରଭାବଶାଳୀ। ସାହିତ୍ୟ ଅନେକତ୍ର ଇତିହାସ ଉତ୍ସାହରେ ଗରୀୟାନ। କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ଶିବେଇ ସାଆନ୍ତରା ଉପାଖ୍ୟାନ ବିଜଡ଼ିତ। ତାହା ମଧ୍ୟ ସାହିତ୍ୟ ପାଇଁ ଖୋରାକ ଯୋଗାଇଛି, ଅନୁରୂପ ଭାବେ କାଞ୍ଚି କାବେରୀ ଉପାଖ୍ୟାନ-ଏହା ଅନସ୍ୱୀକାର୍ଯ୍ୟ।

ଗୋପାଳ ଦାସ ବହୁ ସୁଆଙ୍ଗର ରଚୟିତା। ଏଥିରେ ଧୋବା ଧୋବଣୀ, ପଠାଣ ଗଉଡୁଣୀ ଆଦି ବିଭିନ୍ନ ଫାସ ଅନ୍ତର୍ଭୁକ୍ତ। କେଉଁଠି ଦ୍ୱାରି ଆସେ, ବାଣ୍ଟି ଚାଲେ ରାଜ୍ୟର ଖବର। ଅନ୍ୟତ୍ର ପାଣିପାଗର ସୂଚନା, 'ନବାବ ସୁଆଙ୍ଗ'ରେ ପ୍ରହେଳିକାଟିଏ ଉଲ୍ଲେଖଯୋଗ୍ୟ। ସେକାଳର ଚାଲିଚଳଣି, ପାଣିପାଗ, ରାଜ୍ୟ ଖବରର ସୂଚନା ଏଥିରୁ ମିଳେ – "ବସ ଭାବରେ / କି ଅଭାବ ହେଉଛି ଏ ନବାବ ନବରେ / କୃଷି ବାଣିଜ୍ୟ କରିଣ କରୁଥା'ନ୍ତି ଲାଭରେ / ଦୁଃଖୀ ଦରିଦ୍ର ପଣରେ ଯେଉଁ ପ୍ରଜା ବର୍ଗରେ / ନିଜ ଗୋତ୍ର ପାତ୍ର ମିତ୍ର ଆନନ୍ଦିତ ସର୍ବରେ।" ଅନ୍ୟତ୍ର "ନବାବ ସାହେବ କି ଅଛି ଅଭାବ / କୃଷି ବାଣିଜ୍ୟ କରିବି ବହୁତ ଲାଭ / ମାଣକୁ ଷୋଳଟଙ୍କା ସେଥିକି ନାହିଁ ଶଙ୍କା / ପ୍ରଭୁ କରନ୍ତୁ ଏତିକି ଛୋଟ ଆଶଙ୍କା।"

ଗୋପାଳ ଦାଶ ଜଣେ ସଚ୍ଚା ଦେଶଭକ୍ତ। ତାଙ୍କ ରଚନାର ବିଭିନ୍ନ ସ୍ଥାନରେ ତାହା ଉପଲବ୍ଧ। ତାଙ୍କ ଦ୍ୱାରା ରଚିତ 'ଜୟଦେବ' ଗୀତିନାଟ୍ୟ। କେନ୍ଦ୍ରାପଡ଼ା ଜିଲ୍ଲା ଠାରୁ ସୁଦୂର ବଙ୍ଗଭୂମିରେ ଉକ୍ତ ନାଟକଟି ଅଭିନୀତ। ଉକ୍ତ ନାଟକରେ ଗୋପାଳଙ୍କ ରାଷ୍ଟ୍ରପ୍ରୀତି ଆକାଶଛୁଆଁ। କବି ଜୟଦେବ ଲେଖିଲେ 'ଗୀତଗୋବିନ୍ଦ'। ଏହା ଏକ ଅସାଧାରଣ ସାହିତ୍ୟକୃତି। ସ୍ୱୟଂ ଜୟଦେବ ଓଡ଼ିଶାର; ଏଥିରେ ଦ୍ୱିରୁକ୍ତି ନାହିଁ; ମାତ୍ର ବଙ୍ଗାଳୀମାନେ ତାଙ୍କୁ ନିଜର ଦାବି କରିଥାନ୍ତି। ଏଇଟି ଏକ ବୃଥା ପ୍ରୟାସ। ବଙ୍ଗରାଜା ସଜବାଜ। ଉତ୍କଳ (ଓଡ଼ରାଷ୍ଟ୍ର) ବିଜୟ କରିବେ; ମାତ୍ର ତାଙ୍କ ଭିତରେ ନାହିଁ ନ ଥିବା ଶଙ୍କା। ସେ ବଡ଼ ଭୀତକାତର । ତାଙ୍କ ରାଜଗୁରୁଙ୍କୁ କହିଛନ୍ତି, "ଓଡ଼ ରାଷ୍ଟ୍ରର ବଡ଼ ଫାଷ୍ଟର, ଧଡ଼ / ସ୍ୱାଧୀନ କରିବା ଲୋଡ଼ନା / ଲକ୍ଷେ ସମ୍ରାଟ ଶିର ମୁକୁଟ ମଣି / ସେ ସ୍ଥାନକୁ ଯିବା ଲୋଡ଼ନା / ନୀଳାଞ୍ଚଳେ ବିଜେ ଶ୍ରୀଜଗନ୍ନାଥ / ରତ୍ନ ସିଂହାସନେ ବିଜେ ସାକ୍ଷାତ / ଯାହାଙ୍କ ମହିମା ପୂରିଛି ଜଗତ / ସେ କଥାରେ ମତି ବଳାନା।" ବଙ୍ଗରାଜାର ଅହଙ୍କାର। ନିଶ୍ଚୟ ଉତ୍କଳକୁ ଜିଣିବେ। ତା'ପରେ, "ବଙ୍ଗ ଉତ୍କଳକୁ ମୁଁ ବିଭଙ୍ଗ କରାଇବି / ରଙ୍ଗ ଅଧରା ତୋ ସଙ୍ଗେ ରଙ୍ଗ ଦେଖୁଥିବି / ସାର ଅଙ୍ଗନାରେ / ଭଙ୍ଗୀ ଭାରତୀରେ କଥା ଭାଙ୍ଗନାରେ / ବଙ୍ଗାଳୀମାନଙ୍କୁ ମୁଁ କାଙ୍ଗାଳ ଦେବି କରି / କଳ ଯନ୍ତ୍ର ସହିତରେ ରେଳ ମଧ୍ୟେ ଭରି / ଚଳାଇବି ବଳ ବୁଦ୍ଧି ଯୋଗଦେଇ / ଓଡ଼ିଆଙ୍କୁ ବଢ଼ିଆ କାର୍ଯ୍ୟରେ ରଖାଇବି / ପଡ଼ିଆରେ କୋଠାବାଡ଼ି ତୋଳି ପକାଇବି / ଦେବି ଲେଖା ପଢ଼ି / ହପ୍ତାକୁ ହପ୍ତା ତଲପ ଯିବ ବଢ଼ି।" କେବଳ ସେତିକି ନୁହେଁ; ଓଡ଼ିଆମାନେ ଚଟକଳରେ କୁଲି। ସେଇ ଚଟକଳକୁ କଟକ ନେବେ। ବଙ୍ଗ ରାଜାର ଦମ୍ଭୋକ୍ତି – ବଡ଼ ଦେଉଳର ମୂଳୋତ୍ପାଟନ କରିବେ, ପ୍ରଭୁଙ୍କ ସହିତରେ ବୋହିନେବେ; ପ୍ରଭୁଙ୍କୁ ସ୍ଥାପନ କରିବେ କାଳୀଘାଟରେ। କେନ୍ଦ୍ରାପଡ଼ା ସହରକୁ ପରିବର୍ଦ୍ଧିତ କରାହେବ, ଅଧିକ ମାରୁଆଡ଼ି ଆଣି ରଖାଯିବ। ଉପର୍ଯ୍ୟୁକ୍ତ ବର୍ଣ୍ଣନାରେ ବଙ୍ଗାଳୀମାନଙ୍କ ପ୍ରତି ରହିଛି ତୁଚ୍ଛ ତାଚ୍ଛଲ୍ୟଭାବ। ତତ୍ ସହିତ ଗୋପାଳଙ୍କ ସ୍ୱରାଜ୍ୟ ତଥା ଆଞ୍ଚଳିକ ପ୍ରୀତି ବେଶ୍ ଉଲ୍ଲେଖନୀୟ। ଗୋପାଳଙ୍କ ଏତାଦୃଶ ନାଟକ ଅଭିନୟ, ତାହା ପୁଣି ବଙ୍ଗ ଛାତି ଉପରେ – ଏହା କମ୍ ସାହସିକ କାର୍ଯ୍ୟ ନ ଥିଲା? କବି ଗୋପାଳ ଦାଶ, ମା'-ମାଟି-ଭାଷା ପ୍ରତି ସମର୍ପିତ। ତାଙ୍କର ପ୍ରତିଟି ଲେଖାରେ ଜନଜୀବନ ଚିତ୍ର ଅତି ମଞ୍ଜୁଳ। ଗଣଜୀବନ ଉପରେ ଏହାର ପ୍ରଭାବ ସୁଦୂର ପ୍ରସାରୀ। ଏପରିକି ତାଙ୍କ ପ୍ରହେଳି ତୁଣ୍ଡରୁ ତୁଣ୍ଡ ବ୍ୟାପିଥିଲା। ଜନତା ଅତି ଶ୍ରଦ୍ଧାରେ ମଧ୍ୟ ଗାନ କରୁଥିଲେ। ରାଜଦରବାର, ଦେବସଭା, ଯୁଦ୍ଧକ୍ଷେତ୍ର, କେଳିମନ୍ଦିର ଅବା ପଥପ୍ରାନ୍ତ; ପ୍ରତିଟି ମୁହଁରେ ଶିଷ୍ଟ, ଲୌକିକ ଭାଷା ପ୍ରୟୋଗ। ଗୋପାଳ ଦାଶ ଏଥିରେ ଅତ୍ୟନ୍ତ ନିପୁଣ। ଲୋକକଥା, ଲୋକବଚନ, ରଢ଼ି ପ୍ରୟୋଗରେ ତାଙ୍କ ପଟୁତା ଉଲ୍ଲେଖନୀୟ। ସବୁର ଊର୍ଦ୍ଧ୍ୱରେ ଗଣଜୀବନର ସେ ଜଣେ ଅପୂର୍ବ ବିନ୍ଧାଣି। ଗଣ ପାତ୍ରୋମୁଖୀ ଭାଷା ପ୍ରୟୋଗ ଦକ୍ଷତାରେ ଅଗ୍ରଗଣ୍ୟ। ବାସ୍ତବିକ୍ ସେ ମୁକୁଟ ବିହୀନ 'ଗଣକବି', ଓଡ଼ିଆ ଗୀତିନାଟ୍ୟ ଜଗତର ମଉଡ଼ମଣି – ଏହା ବହୁଜନ ସ୍ୱୀକୃତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କୋଲକାତାକୁ ଷଷ୍ଠ ପରାଜୟ ପରେ ପ୍ରଥମ ଥର ମିଳିଲା ବିଜୟର ସ୍ୱାଦ

**କୋଲକାତା**

ଐତିହାସିକ ଇଡେନ୍ ଗାର୍ଡେନ୍ସରେ ରବିବାର ଦିନ କୋଲକାତା ନାଇଟ୍ ରାଇଡର୍ସ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୮ତମ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ୧୫୬ ରନର ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା। କିନ୍ତୁ ଦଳ ୧୯.୪ ଓଭରରେ ୬ଟି ୱିକେଟ୍ ହରାଇ ୧୬୧ ରନ୍ କରିଛି। ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କୋଲକାତାର ବିଜୟର ସହିତ କୋଲକାତାର ପରାଜୟ ଧାରାରେ ବ୍ରେକ୍ ଲାଗିଛି। ଆଇପିଏଲର ଚଳିତ ସଂସ୍କରଣରେ କୋଲକାତା ପ୍ରଥମ ଥର ମ୍ୟାଚ୍ ଜିତିଛି ଏବଂ ପଏଣ୍ଟ ଟେବୁଲରେ ଗୋଟିଏ ପାଦ ଉପରକୁ ଉଠିଛି। ପଏଣ୍ଟ ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ ତଳଆଡୁ ପ୍ରଥମ ଅଛି।

କୋଲକାତାର ବିପର୍ଯ୍ୟୟ ସମୟରେ ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ଧୈର୍ଯ୍ୟ ଧରି ବ୍ୟାଟିଂ କରିଥିଲେ। ରାଜସ୍ଥାନର ଖେଳାଳିମାନେ ଉଭୟ



ବ୍ୟାଟରଙ୍କୁ ଆଉଟ୍ କରିବାକୁ ସୁଯୋଗ ଖୋଜୁଥିଲେ ମଧ୍ୟ ବିଫଳ ହୋଇଥିଲେ। ରିଙ୍କୁ ସିଂହ ଅପରାଜିତ ୫୩ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲା ବେଳେ ଅନୁକୂଳ ୧୬ଟି ବଲର ସାମ୍ନା କରି ୨୯ ରନ୍ କରିଥିଲେ, ଯେଉଁଥିରେ ସେ ଗୋଟିଏ ଚୌକା ଏବଂ ୨ଟି ଛକା ଯୋଡ଼ିଥିଲେ।

ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଟିମ୍ ସିଫର୍ଟ ଖାତା ନଖୋଲି ଆଉଟ୍ ହୋଇଥିଲେ। ଆଜିଙ୍କ ରହାଣେଙ୍କ ଅବସ୍ଥା ମଧ୍ୟ ସିଫର୍ଟଙ୍କ ଭଳି ହୋଇଥିଲା। କେମରନ ଗ୍ରୀନ୍ ୨୭ ରନ୍ କରିଥିଲା ବେଳେ ଅଙ୍ଗକ୍ରିସ୍ ରଘୁବଂଶୀ ୧୦ ରନରେ ଆଉଟ୍ ହୋଇଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ କୋଲକାତାର ଆଗଧାଡ଼ିର ୪ଜଣ ଖେଳାଳି ୫୨ ରନରେ ଆଉଟ୍ ହୋଇସାରିଥିଲେ। କୋଲକାତାର ସ୍କୋର ୭୦ରେ ରୋଭମ୍ୟାନ ପାୱେଲ ଏବଂ ୮୫ ରନରେ ରମନଦୀପ ସିଂହ ଆଉଟ୍ ହୋଇଥିଲେ।

କୋଲକାତା ନିଜର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ, ଦ୍ୱିତୀୟ ମୁକାବିଲାରେ ହାଇଦ୍ରାବାଦ, ତୃତୀୟ ମ୍ୟାଚରେ ପଞ୍ଜାବ, ଚତୁର୍ଥ ମ୍ୟାଚ୍‌ରେ ଲକ୍ଷ୍ନୌ, ପଞ୍ଚମ ମ୍ୟାଚ୍‌ରେ ଚେନ୍ନାଇ ଏବଂ ଷଷ୍ଠ ମ୍ୟାଚ୍‌ରେ ଗୁଜରାଟ ଠାରୁ ପରାସ୍ତ ହୋଇସାରିଛି।

ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଏବଂ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ରାଜସ୍ଥାନର ଇନିଂସ ଆରମ୍ଭ କରିଥିଲେ ବିସ୍ଫୋରକ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍‌ର ୮୧ ରନର ଭାଗିଦାରୀ କରିଥିଲେ। ଏଥି ସହିତ ୮.୪ ଓଭରରେ ଦଳକୁ ଭଲ ସ୍ତରକୁ ନେଇଥିଲେ। ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହେବା ସହିତ ରାଜସ୍ଥାନର ବିପର୍ଯ୍ୟୟ ଆରମ୍ଭ ଦେଖାଯାଇଥିଲା। ଦଳ ୯୭ ରନ୍‌ରେ ଦ୍ୱିତୀୟ, ୯୯ ରନରେ ତୃତୀୟ, ୧୧୭ ରନ୍‌ରେ ଚତୁର୍ଥ, ୧୨୪ ରନ୍‌ରେ ପଞ୍ଚମ, ୧୪୪ ରନ୍‌ରେ ଷଷ୍ଠ, ୧୪୬ ରନ୍‌ରେ ସପ୍ତମ ଏବଂ ଅଷ୍ଟମ ୱିକେଟ୍ ହରାଇଥିଲା।

ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୮ଟି ବଲ୍ ଖେଳି ୬ଟି ଚୌକା ଏବଂ ୨ଟି ଛକା ବଳରେ ୪୬ ରନ୍ ସଂଗ୍ରହ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ୨୯ଟି ବଲ୍ ସାମ୍ନା କରି ୪ଟି ଚୌକା ଏବଂ ୨ଟି ଛକା ବଳରେ ୩୯ ରନ୍ ସଂଗ୍ରହ କରିଥିଲେ। ରିୟାନ ପରାଗ ୧୨ ରନ୍ ଏବଂ ସିମରନ ହେଟମେୟର ୧୫ ରନ୍ କରିଥିଲେ। ରାଜସ୍ଥାନର ଅନ୍ୟ ଖେଳାଳିମାନଙ୍କର ବ୍ୟକ୍ତିଗତ ଉଦ୍ୟମ ଦଳର ସ୍କୋରରେ ସେତେ ଭଲ ଯୋଗଦାନ ନଥିଲା।

## ୨୦୨୭ ବିଶ୍ୱକପ୍ ପୂର୍ବରୁ ବିସିସିଆଇର ବଡ଼ ନିଷ୍ପତ୍ତି
## ଆଉ ବର୍ଷେ ମୁଖ୍ୟ ଚୟନକର୍ତ୍ତା ରହିବେ ଅଗରକର

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ପାଇଁ ନବୀକରଣ କରାଯାଇଛି। ସେ ଆସନ୍ତାବର୍ଷ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପଦକ୍ଷେପ ନେଇଛି।

ଅଗରକରଙ୍କ ଅଧ୍ୟକ୍ଷତାରେ ଚୟନକମିଟି ଅଧୀନରେ ୨୦୨୩ ଅକ୍ଟୋବର ଓ ୨୦୨୬ ମାର୍ଚ୍ଚ ମଧ୍ୟରେ ମନୋନୀତ ଭାରତୀୟ ଦଳଗୁଡ଼ିକ ଚାରୋଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିଛି ଏବଂ ତିନୋଟିରେ (ଦୁଇ ଟି୨୦ ବିଶ୍ୱକପ୍ ଏବଂ ଗୋଟିଏ ଆଇସିସି ଚାମ୍ପିୟନ୍ସ ଟ୍ରଫି) ବିଜୟ ଲାଭ କରିପାରିଛି। ଏହି କାରଣରୁ ତାଙ୍କ ସହିତ ହୋଇଥିବା ଚୁକ୍ତିର ଚତୁର୍ଥ ବର୍ଷ ପାଇଁ ନବୀକରଣ କରାଯାଇଛି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ ଅଗରକର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁ ନ ଥିଲେ। ଜଣେ ଚୟନକର୍ତ୍ତା ଜୁନିୟର କିମ୍ବା ସିନିୟରରେ ୪ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, କିମ୍ବା ଉଭୟ କମିଟିରେ ମୋଟ ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ମାତ୍ର ଏଠାରେ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ନାହିଁ ବରଂ ନବୀକରଣ କରାଯାଇଛି।

# ଇଡେନରେ ରିଙ୍ଗ୍ ବଜାଇଲେ ବର୍ଡର

**କୋଲକାତା**

ଯେଉଁ ଐତିହାସିକ ପଡ଼ିଆରେ ଦିନେ ଅଷ୍ଟ୍ରେଲିଆକୁ ପ୍ରଥମ ଦିନିକିଆ ବିଶ୍ୱକପ୍ ବିଜୟ ଭେଟି ଦେଇଥିଲେ ସେଠାରେ ଏହାର ଅଧିନାୟକ ଆଲାନ୍ ବର୍ଡର ରବିବାର ନିଆରା ସ୍ମୃତି ଛାଡ଼ିଛନ୍ତି। ରବିବାର ଅପରାହ୍ଣରେ ଏଠାରେ ଚଳିତ ଆଇପିଏଲ୍‌ର କୋଲକାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ପୂର୍ବରୁ ଘଣ୍ଟି ବଜାଇ ଏହାର ଶୁଭାରମ୍ଭ କରିଛନ୍ତି। ବର୍ଡରଙ୍କ ସହ ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଐତିହାସିକ ଇଡେନ୍ ଗାର୍ଡେନ୍ସରେ ୨୦୧୬ ମସିହାରୁ ଘଣ୍ଟି ବଜାଇ ମ୍ୟାଚ୍ ଶୁଭାରମ୍ଭର ପରମ୍ପରା ଚାଲିଆସୁଛି। ପ୍ରଥମ ମ୍ୟାଚ୍‌ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଅଧିନାୟକ କପିଳ ଦେବ ଏହା କରିଥିଲେ। ରବିବାର ଘଣ୍ଟି ବଜାୟ କେକେଆର-ଆରଆର୍ ମ୍ୟାଚ୍ ଶୁଭାରମ୍ଭ ପୂର୍ବରୁ କ୍ରିକେଟ୍ ପ୍ରତି



ଉଲ୍ଲେଖନୀୟ ଅବଦାନ ତଥା ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଥିବାରୁ ବର୍ଡରଙ୍କୁ ମଧ୍ୟ ସିଏବି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଐତିହାସିକ ଇଡେନ୍ ଗାର୍ଡେନ୍ସରେ ରବିବାର ଦିନ କୋଲକାତା ନାଇଟ୍ ରାଇଡର୍ସ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୮ତମ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ୧୫୬ ରନର ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା। କିନ୍ତୁ ଦଳ ୧୯.୪ ଓଭରରେ ୬ଟି ୱିକେଟ୍ ହରାଇ ୧୬୧ ରନ୍ କରିଛି। ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କୋଲକାତାର ବିଜୟର ସହିତ କୋଲକାତାର ପରାଜୟ ଧାରାରେ ବ୍ରେକ୍ ଲାଗିଛି। ଆଇପିଏଲର ଚଳିତ ସଂସ୍କରଣରେ କୋଲକାତା ପ୍ରଥମ ଥର ମ୍ୟାଚ୍ ଜିତିଛି ଏବଂ ପଏଣ୍ଟ ଟେବୁଲରେ ଗୋଟିଏ ପାଦ ଉପରକୁ ଉଠିଛି। ପଏଣ୍ଟ ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ ତଳଆଡୁ ପ୍ରଥମ ଅଛି।

କୋଲକାତାର ବିପର୍ଯ୍ୟୟ ସମୟରେ ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ଧୈର୍ଯ୍ୟ ଧରି ବ୍ୟାଟିଂ କରିଥିଲେ। ରାଜସ୍ଥାନର ଖେଳାଳିମାନେ ଉଭୟ ବ୍ୟାଟରଙ୍କୁ ଆଉଟ୍ କରିବାକୁ ସୁଯୋଗ ଖୋଜୁଥିଲେ ମଧ୍ୟ ବିଫଳ ହୋଇଥିଲେ। ରିଙ୍କୁ ସିଂହ ଅପରାଜିତ ୫୩ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲା ବେଳେ ଅନୁକୂଳ ୧୬ଟି ବଲର ସାମ୍ନା କରି ୨୯ ରନ୍ କରିଥିଲେ, ଯେଉଁଥିରେ ସେ ଗୋଟିଏ ଚୌକା ଏବଂ ୨ଟି ଛକା ଯୋଡ଼ିଥିଲେ।

ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଟିମ୍ ସିଫର୍ଟ ଖାତା ନଖୋଲି ଆଉଟ୍ ହୋଇଥିଲେ। ଆଜିଙ୍କ ରହାଣେଙ୍କ ଅବସ୍ଥା ମଧ୍ୟ ସିଫର୍ଟଙ୍କ ଭଳି ହୋଇଥିଲା। କେମରନ ଗ୍ରିନ୍ ୨୭ ରନ୍ କରିଥିଲା ବେଳେ ଅଙ୍ଗକ୍ରିସ୍ ରଘୁବଂଶୀ ୧୦ ରନ୍‌ରେ ଆଉଟ୍ ହୋଇଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ କୋଲକାତାର ଆଗଧାଡ଼ିର ୪ଜଣ ଖେଳାଳି ୫୨ ରନରେ ଆଉଟ୍ ହୋଇସାରିଥିଲେ। କୋଲକାତାର ସ୍କୋର ୭୦ରେ ରୋଭମ୍ୟାନ ପାୱେଲ ଏବଂ ୮୫ ରନ୍‌ରେ ରମନଦୀପ ସିଂହ ଆଉଟ୍ ହୋଇଥିଲେ।

# ଶ୍ରେୟସ ଆୟର ହେବେ ଟିମ୍ ଇଣ୍ଡିଆର ଟି-୨୦ ଅଧିନାୟକ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ନୂତନ ଟି-୨୦ ଅଧିନାୟକ କିଏ ହେବେ? ସୂର୍ଯ୍ୟକୁମାର ଯାଦବ ଅଧିନାୟକ ପଦ ଛାଡିବା ପରେ – କିମ୍ବା ଯଦି ଭାରତୀୟ ଚୟନକର୍ତ୍ତାମାନେ ତାଙ୍କ ବ୍ୟତୀତ ଅନ୍ୟ ସ୍ଥାନକୁ ଦେଖିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଟି-୨୦ ଫର୍ମାଟରେ ଟିମ ଇଣ୍ଡିଆର ଦାୟିତ୍ୱ କିଏ ନେବ? ପ୍ରଶଂସକମାନେ ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଅତ୍ୟନ୍ତ ଉତ୍ସୁକ। ଶୁବମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଏବଂ ଶ୍ରେୟସ ଆୟରଙ୍କ ମଧ୍ୟରୁ – ଯେଉଁମାନେ ସମସ୍ତେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରେ ଅସାଧାରଣ ନେତୃତ୍ୱ ପ୍ରଦର୍ଶନ କରିଛନ୍ତି। କାହାକୁ ସେମାନଙ୍କର ଉତ୍କୃଷ୍ଟ ଅଧିନାୟକତ୍ୱ ପାଇଁ ପୁରସ୍କୃତ କରାଯିବ ଏବଂ ସେମାନଙ୍କ ମଧ୍ୟରୁ କାହାକୁ ଟିମ ଇଣ୍ଡିଆର ନୂତନ ଟି-୨୦ ଅଧିନାୟକ ଭାବରେ ନିଯୁକ୍ତ କରାଯିବ?

ଶ୍ରେୟସ ଆୟରଙ୍କୁ ସମ୍ଭାବ୍ୟ ଭାବରେ ଭାରତୀୟ କ୍ରିକେଟ ଦଳର ନୂତନ ଟି-୨୦ ଅଧିନାୟକ ଭାବରେ ନିଯୁକ୍ତ କରାଯାଇପାରେ। ଦି ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଯଦି



ଭାରତୀୟ ଚୟନକର୍ତ୍ତାମାନେ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଅଧିନାୟକତ୍ୱରୁ ମୁକ୍ତ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଶ୍ରେୟସ ଆୟରଙ୍କୁ ଦାୟିତ୍ୱ ଦିଆଯିବ। ଏହା ବ୍ୟତୀତ, ଟିମ ଇଣ୍ଡିଆରେ ନମ୍ବର ୪ ବ୍ୟାଟିଂ ସ୍ଲଟ ପାଇଁ ଜଣେ ଦୃଢ଼ ଦାବିଦାର ଭାବରେ, ଆୟର ବ୍ୟାଟିଂ କ୍ରମରେ 'ସୂର୍ଯ୍ୟ'ଙ୍କୁ ପ୍ରଭାବଶାଳୀ ଭାବରେ ସ୍ଥାନ ଦେଇପାରିବେ।

୩୧ ବର୍ଷୀୟ ଡାହାଣହାତୀ ଭାରତୀୟ ବ୍ୟାଟସମ୍ୟାନ ଶ୍ରେୟାସ ଆୟର, ଇଣ୍ଡିଆନ ପ୍ରିମିୟର ଲିଗରେ ଲଗାତାର ଦଳଗୁଡ଼ିକର ନେତୃତ୍ୱ ନେଇ ଆସୁଛନ୍ତି। ଅଧିନାୟକ ଭାବରେ, ସେ କୋଲକାତା ନାଇଟ ରାଇଡର୍ସଙ୍କୁ ଚାମ୍ପିଅନସିପ ଟାଇଟଲ ପାଇଁ ମାର୍ଗଦର୍ଶନ କରିଛନ୍ତି। ଏହା ସହିତ, ଆୟର ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ଉଭୟକୁ ଆଇପିଏଲ୍ ଫାଇନାଲରେ ପହଞ୍ଚାଇଛନ୍ତି। ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ଆଇପିଏଲ୍ ୨୦୨୬ ଟାଇଟଲ ହାସଲ କରିବା।

ଶ୍ରେୟାସ ଆୟର ଆଇପିଏଲ୍‌ରେ ପ୍ରାୟ ୮୪ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ଏହି କାର୍ଯ୍ୟକାଳ ମଧ୍ୟରେ, ସେ ୪୭ ବିଜୟ ରେକର୍ଡ କରିଛନ୍ତି, ଯେତେବେଳେ ୩୩ ମ୍ୟାଚରେ ପରାଜୟ ବରଣ କରିଛନ୍ତି। ଆୟରଙ୍କ ଅଧିନାୟକତ୍ୱରେ, ଦୁଇଟି ମ୍ୟାଚ ଟାଇରେ ଶେଷ ହୋଇଥିଲା, ଯେତେବେଳେ ଅନ୍ୟ ଦୁଇଟି କୌଣସି ଫଳାଫଳ ଦେଇନଥିଲା। ତାଙ୍କର ବିଜୟ ପ୍ରତିଶତ ୫୮.୫୩% ରହିଛି।

ଚଳିତ ଆଇପିଏଲ୍ ୨୦୨୬ ସିଜିନରେ ଆୟରଙ୍କ ପ୍ରଦର୍ଶନ ଏପର୍ଯ୍ୟନ୍ତ ଚମତ୍କାରଠାରୁ କମ ନୁହେଁ। ଅଧିନାୟକ ଭାବରେ, ସେ ପାଞ୍ଚଟି ମ୍ୟାଚ ଖେଳିଛନ୍ତି, ସେଥିମଧ୍ୟରୁ ଚାରିଟିରେ ବିଜୟ ହାସଲ କରିଛନ୍ତି। ତାଙ୍କର ଗୋଟିଏ ମ୍ୟାଚ ବର୍ଷା ଯୋଗୁ ଧୋଇ ଯାଇଥିଲା। ଏହି ଚମତ୍କାର ପ୍ରଦର୍ଶନ ପାଇଁ, ଆୟରଙ୍କ ଦଳ – ପଞ୍ଜାବ କିଙ୍ଗ୍ସ – ବର୍ତ୍ତମାନ ପଏଣ୍ଟ ଟେବୁଲର ଏକ ନମ୍ବର ସ୍ଥାନରେ ରହିଛି, ୫ଟି ମ୍ୟାଚରୁ ୪ଟି ବିଜୟରୁ ୯ ପଏଣ୍ଟ ସଂଗ୍ରହ କରିଛି ଏବଂ ୧.୦୬୭ ନେଟ ରନ ରେଟ ସହିତ। ଆଇପିଏଲ୍ ୨୦୨୬ ରେ, ଶ୍ରେୟସ ଆୟର ୫ଟି ମ୍ୟାଚରୁ ୪ଟି ଇନିଂସରେ ୨୦୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ, ସେ ୩ଟି ଅର୍ଦ୍ଧଶତକ ମଧ୍ୟ କରିଛନ୍ତି। ଆୟରଙ୍କ ସର୍ବାଧିକ ସ୍କୋର ୬୯। ସେ ୧୪ଟି ଚୌକା ଏବଂ ୧୪ଟି ଛକା ମାରିଛନ୍ତି।

## ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା ପାଇଁ ଧର୍ମ ସମ୍ମିଳନୀ
# ମହାପୁରୁଷ ମହମ୍ମଦ ସମଗ୍ର ବିଶ୍ୱବାସୀଙ୍କ ପାଇଁ କରୁଣାର ସାଗର ଥିଲେ

**ବାଙ୍କୀ : ନ୍ୟୁଜ୍ ବ୍ୟୁରୋ**

ବାଙ୍କୀ-ତୁଳସୀପୁର ସ୍ଥିତ ନରଗାଙ୍ଗ ଗ୍ରାମର ଅହମଦିୟା ମୁସଲିମ ସଂଗଠନ ପକ୍ଷରୁ ମହାପୁରୁଷ ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ଉପଲକ୍ଷେ ଏକ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା କଟକ-ଢେଙ୍କାନାଳ-ଅନଗୁଳ-କେନ୍ଦ୍ରାପଡାର ସଭାପତି ମୌଲାନା ସେକ ହାରୁନ ରଶିଦ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ମୌଲବି ମିର ରଜାକ ଅଲ୍ଲି କରିଥିବା ବେଳେ ଏହାର ଓଡିଆ ଅନୁବାଦ ନରଗାଙ୍ଗ ଅହମଦିୟା ମୁସଲିମ ସଂଗଠନର ସଭାପତି ଆଶିକ ଖାଁ ପଢି ଶୁଣାଇଥିଲେ । ଉର୍ଦ୍ଦୁ ନଜମ ସଂଗୀତ ବରକାତ ଅଲ୍ଲି ପରିବେଷଣ କରିଥିଲେ ।

ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ମୌଲାନା ଇନଚାର୍ଜ ହଲିମ ଅହମଦ ପୈଗମ୍ବର ହଜରତ ମୁହମ୍ମଦଙ୍କ ମହିଳା ସଶକ୍ତି କରଣ, ତାଙ୍କର ଅଧିକାର ତଥା ସମାଜରେ ନାରୀର ପ୍ରକୃତ ସ୍ଥାନ ବିଷୟରେ ଆଲୋକପାତ କରି କହିଲେ, ପିତା ମାତାର ସେବା ଓ ସତ୍କାର କରିଲେ ହିଁ ସ୍ୱର୍ଗପ୍ରାପ୍ତ ହେବ ବୋଲି ହଜରତ ମହମ୍ମଦ କହି ସର୍ବ ପ୍ରଥମେ ମାତା ପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ । ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତା ମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ସ୍ୱର୍ଗଗାମୀ ହୋଇ ପାରିନଥାଏ । ପୁଣି ସେ ସେ କହିଲେ ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତ୍ତମ କାର୍ଯ୍ୟ ମଧ୍ୟରୁ




ମାତା ପିତାଙ୍କ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ । କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତା ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି । ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ । ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀ ସମ୍ପତ୍ତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ ପ୍ରଦାନ କରିଥିଲେ । ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନ ଯାପନ କରିପାରିବେ । ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୂରଣ କରିବା ପୁରୁଷ ପ୍ରତି ଏକ ସଂପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି ।

ଓଡିଆ ନଜମ ସଂଗୀତ ଫଜଲେ ମୋମିନ ପଢିଥିଲେ ।

ମୁଖ୍ୟ ଅତିଥି ଭାବେ ଜିଲ୍ଲା କଟକ-ଢେଙ୍କାନାଳ-ଅନଗୁଳ-କେନ୍ଦ୍ରାପଡାର ମୌଲାନା ଇନଚାର୍ଜ ସେକ ଇସହାକ ଯୋଗଦେଇ ଆଦର୍ଶବାଦୀ ମହାମାନ୍ୟ ମହାପୁରୁଷ ହଜରତ ମୁହମ୍ମଦଙ୍କ ପବିତ୍ର ଆଦର୍ଶ ସମ୍ପର୍କରେ ମତାମତ ରଖି କହିଲେ, ପୈଗମ୍ବର ମହମ୍ମଦ ସଲ୍ଲମ ଥିଲେ ଇସଲାମ ଧର୍ମର ପ୍ରବର୍ତ୍ତକ । ସେ ମହାମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ । ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ ଓ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ । ଯାହା ଫଳରେ ଏପରି ଏକ କ୍ରାନ୍ତିକାରୀ ଅଧ୍ୟାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ । ସର୍ବ ପ୍ରଥମେ ପୈଗମ୍ବର ମହମ୍ମଦ ସଲ୍ଲମ ମାନବ ଅଧିକାରକୁ ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ, ନୈତିକ, ଭୌତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ସମ୍ମାନ ଜନକ ଅଧିକାର ଦେଇଥିଲେ।

ମୌଲାନା ମକସୁଦ ଅଲ୍ଲି ଖାନ୍ ବିଶ୍ୱଏକତା ଓ ଭାଇଚାରା ବିଷୟରେ ଏକ ସୁନ୍ଦର ହିନ୍ଦୀ କବିତା ପଢି ଶୁଣାଇଥିଲେ । ପୌରୋହିତ୍ୟ ଭାଷଣରେ ମୌଲାନା ହାରୁନ ରଶିଦ ଦିବ୍ୟ ଅବତାର ଓ ଜଗତଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଈଶ୍ୱର ପ୍ରତି ଥିବା ଦୃଢ ଆସ୍ଥା ଓ ଏକାଗ୍ରତା, ମାନବ ସମାଜ ପ୍ରତି ସହାନୁଭୂତି ଓ ସଦଭାବନା ତଥା ମାନବ କଲ୍ୟାଣ ସମ୍ବନ୍ଧରେ ତାଙ୍କର ଆଦର୍ଶକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ ।

ଏହି ସମ୍ମିଳନୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ, କଟକ-ଢେଙ୍କାନାଳ-ଅନଗୁଳ- କେନ୍ଦ୍ରାପଡାର ଜିଲ୍ଲା ନାଜିମ ସୟଦ ବଶିର ଅହମଦ, ଜିଲ୍ଲା କଟକ ଯୁବ ସଂଗଠନର ସଭାପତି ସଫାକତ ଅଲ୍ଲି, ନରଗାଙ୍ଗ ଅହମଦିୟା ମୁସଲିମ ସଂଗଠନର ମୌଲାନା ଇଫତେଖାର ଅହମଦ, କଟକ ଜିଲ୍ଲାର ଉପସଭାପତି ରଶିଦ ଅହମଦ, କଟକର ମୌଲାନା ଫଜଲ ହକ ଖାନ, ବାଙ୍କୀ ବିଜେପି ପ୍ରତିନିଧି ତୁଷାରକାନ୍ତ ଚକ୍ରବର୍ତ୍ତୀ, କଟକ ସାଂସଦ ନିର୍ବାଚିତ ପ୍ରତିନିଧି ସରୋଜ କୁମାର ମତଗ ସିଂ, ନରଗାଙ୍ଗ ପୂର୍ବତନ ସରପଞ୍ଚ ଗଣେଶ୍ୱର ଜେନା, ଆଡଭୋକେଟ ଦେବାଶିଷ ମାନସିଂ ଏବଂ ବାଙ୍କୀ ଏନଏସି ମଣ୍ଡଳ ସଭାପତି ସଞ୍ଜୟ ରଣା ଯୋଗଦେଇଥିଲେ ।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିୟାନସିପରେ ମୟୂରଭଞ୍ଜ ପୋଲିସ ଦଳ

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ୭୮ ତମ ରାଜ୍ୟ ସ୍ତରୀୟ ଭଲିବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୋଲିସ ଦଳ ଘୋଷିତ ହୋଇଯାଇଛି ଓ ଦଳରେ ହରିହର ମଲ୍ଲିକ, ଅଧିନାୟକଙ୍କ ସମେତ ନିରଞ୍ଜନ ନାଏକ, ଆଶିଷ କୁମାର ସେଠି, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ର ବିନ୍ଦୁ ସେଠି, ମିଲୁ ମହାନ୍ତ, ବିକାଶ ଗିରି, ଅଂଶୁମାନ ପଣ୍ଡା, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ଅଞ୍ଜନ ବେହେରା, ଜନ୍ମେଜୟ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି ଓ ରାଜେଶ ଦାସ କୋଚ ଓ କେ ବିଶ୍ୱନାଥ ରାଓ ଟିମ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ ଓ ଏନ ଏଇ ଏସ କୋଚ ମନୋରଞ୍ଜନ ଜୀଉ, ପୋଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ମୟୂରଭଞ୍ଜ ପୋଲିସ ସଙ୍ଘ ସମ୍ପାଦକ ସ୍ୱରାଜ କୁମାର ରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।

## ୨୬ରେ ବିରଜା ଜ୍ୟୋତିର ରଜତ ଜୟନ୍ତୀ ସମାରୋହ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମା' ବିରଜା ଓ ଯାଜପୁରର ଐତିହ୍ୟ ଓ ସଂସ୍କୃତି ଆଧାରିତ ଗବେଷଣା ଧର୍ମୀ ସାଂସ୍କୃତିକ ପତ୍ରିକା 'ବିରଜା ଜ୍ୟୋତି ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୬ତାରିଖ ରବିବାର ଯାଜପୁରର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ପତ୍ରିକାର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଅଛି। ଏଥିରେ ତିନିଗୋଟି ସୋପାନରେ ବିରଜା ସାହିତ୍ୟ ଚର୍ଚ୍ଚା, ବିରଜା କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ଏହି ସମାରୋହରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦୁଇ କୁଳପତିଙ୍କ ସହ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ବର୍ଷ ବିରଜା ଜ୍ୟୋତି ଗବେଷକ ସମ୍ମାନ ବିଶିଷ୍ଟ ଐତିହ୍ୟ ଗବେଷକ ଡଃ ଦୁଷ୍ମନ୍ତ କୁମାର ନାୟକଙ୍କୁ ପ୍ରଦାନ କରାଯିବା ସହ ବିରଜା ସଂସ୍କୃତି ପ୍ରଚାର ପ୍ରସାରରେ ଅବଦାନ ପାଇଁ ୨୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ତଥା ବିରଜା ଚେତନା ଗବେଷଣା ପରିଷଦ ର ଅଧ୍ୟକ୍ଷ ଡଃ. ଜ୍ଞାନରଞ୍ଜନ ପତି ଜଣାଇଛନ୍ତି।

# ଚଳିତ ଆଇପିଏଲରେ ହିରୋରୁ ଜିରୋ ହେଲେଣି ଯଶପ୍ରୀତ ବୁମ୍ରା

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ଫାଷ୍ଟ ବୋଲର ୟର୍କର କିଙ୍ଗ ଯଶପ୍ରୀତ ବୁମ୍ରା ଚଳିତ ଆଇପିଏଲରେ ୱିକେଟ୍ ମରୁଡ଼ି ସହିତ ସଂଘର୍ଷ କରୁଛନ୍ତି। ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ମ୍ୟାଚ୍ ଖେଳିଥିବା ବୁମରା ଏପର୍ଯ୍ୟନ୍ତ ୱିକେଟ୍ ନେଇନାହାନ୍ତି। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଲମ୍ବା ୱିକେଟହୀନ ସିଜିନ ବୋଲି ବିବେଚନା କରାଯାଉଛି। ଯାହା ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏକଦା ମୁମ୍ବାଇ ଇଣ୍ଡିଆନ୍ସର ସବୁଠାରୁ ବଡ଼ ହିରୋ ବୋଲି ବିବେଚିତ ଯଶପ୍ରୀତ ବୁମରା ଏହି ସିଜନରେ ଦଳ ପାଇଁ ଶସ୍ତା ସାବ୍ୟସ୍ତ ହୋଇଛନ୍ତି। ସେ ୱିକେଟ୍ ନେଇପାରୁ ନାହାନ୍ତି କିମ୍ବା ରନ ନିୟନ୍ତ୍ରଣ କରିପାରୁନାହାନ୍ତି, ଯାହା ମ୍ୟାନେଜମେଣ୍ଟ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି।

ଚଳିତ ଆଇପିଏଲରେ ଏପର୍ଯ୍ୟନ୍ତ, ବୁମରା ପଞ୍ଜାବ କିଙ୍ଗସ୍, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ



ଏବଂ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ବୋଲିଂ କରିଛନ୍ତି। ଏହି ମ୍ୟାଚ୍ ଗୁଡ଼ିକରେ ସେ ମୋଟ ୧୬୪ ରନ ଦେଇଛନ୍ତି ଏବଂ ତାଙ୍କର ଇକୋନୋମି ରେଟ୍ ୮.୬୩ ରହିଛି। ହାରାହାରି, ସେ ପ୍ରତି ଓଭରରେ ପ୍ରାୟ ୮-୯ ରନ ଦେଉଛନ୍ତି, ଯାହା ଏକ ହାଇ-ସ୍କୋରିଂ ଆଇପିଏଲରେ ଖରାପ ନୁହେଁ, କିନ୍ତୁ ବୁମରାଙ୍କ ପରି ଷ୍ଟ୍ରାଇକ୍ ବୋଲରଙ୍କଠାରୁ ସବୁବେଳେ ୱିକେଟ୍ ଆଶା କରାଯାଏ। ବୁମରାଙ୍କ ପ୍ରଦର୍ଶନ ତାଙ୍କ ଚମତ୍କାର ଆଇପିଏଲ କ୍ୟାରିୟରଠାରୁ ସମ୍ପୂର୍ଣ୍ଣ ବିପରୀତ। ତାଙ୍କୁ ସାଧାରଣତଃ ମ୍ୟାଚ୍ ପରିବର୍ତ୍ତନକାରୀ ବୋଲି ବିବେଚନା କରାଯାଏ, କିନ୍ତୁ ଏଥର ବ୍ୟାଟର ତାଙ୍କୁ ସହଜ ମନେ କରୁଛନ୍ତି। ବୁମରା ଫର୍ମରେ ନଥିବାରୁ ମୁମ୍ବାଇ ଇଣ୍ଡିଆନ୍ସ ସଂଘର୍ଷ କରୁଛି।

କାହିଁକି ବିଫଳ ବୁମରା : ବ୍ୟାଟର ଏବେ ପୂର୍ବ ଅପେକ୍ଷା ଅଧିକ ଆକ୍ରମଣାତ୍ମକ ଏବଂ ଆତ୍ମବିଶ୍ୱାସର ସହିତ ବୁମ୍‌ରାଙ୍କ ବିପକ୍ଷରେ ଖେଳୁଛନ୍ତି। ପୂର୍ବରୁ କେବଳ ବୁମରାଙ୍କ ନାମ ନେଲେ ବ୍ୟାଟର ସତର୍କ ଏବଂ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରିବାକୁ ସଂକୋଚ କରୁଥିଲେ। କିନ୍ତୁ ଏବେ ସେମାନେ ଭୟଭୀତ ନହୋଇ ଖେଳୁଛନ୍ତି। ତାଙ୍କ ବଲର ସମ୍ମୁଖୀନ ହେବା ପାଇଁ ସେମାନଙ୍କ ବ୍ୟାଟିଂ ଆଭିମୁଖ୍ୟରେ ସ୍ପଷ୍ଟ ପରିବର୍ତ୍ତନ ଆସିଛି, ଯାହା ବୁମରାଙ୍କ ୱିକେଟ ନେବା କ୍ଷମତାକୁ ପ୍ରଭାବିତ କରୁଛି।

ଏହା ସହିତ, ତାଙ୍କ ବୋଲିଂ ଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିଛି। ବୁମରାଙ୍କ ଫର୍ମ ଏକ ପ୍ରମୁଖ ସମସ୍ୟା ନୁହେଁ, କିନ୍ତୁ ସେ ଅଧିକରୁ ଅଧିକ ଧୀର ଡେଲିଭରି ବ୍ୟବହାର କରୁଛନ୍ତି। ଏହି ସିଜନରେ, ସେ ତାଙ୍କର ପ୍ରାୟ ୪୪% ଡେଲିଭରିକୁ ଧୀର ଡେଲିଭରି ଭାବରେ ବୋଲିଂ କରୁଛନ୍ତି, ଯାହା ତାଙ୍କର ହାରାହାରି ଗତିକୁ ଘଣ୍ଟା ପ୍ରତି ପ୍ରାୟ ୧୩୦ କିଲୋମିଟରକୁ ହ୍ରାସ କରିଛି। ବ୍ୟାଟରମାନେ ଏହି ଧୀର ଡେଲିଭରି ପାଇଁ ପ୍ରସ୍ତୁତ ଏବଂ ସେଗୁଡ଼ିକୁ ସହଜରେ ଖେଳି ପାରୁଛନ୍ତି। ଯଦି ବୁମରା ଦ୍ରୁତ ବୋଲିଂ କରନ୍ତି, ତେବେ ତାଙ୍କର ଧୀର ଡେଲିଭରି ଆହୁରି ପ୍ରଭାବଶାଳୀ ହୋଇପାରିବ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅପ୍ରେଲ ୨୦୨୬ ସୋମବାର







ଭୁବନେଶ୍ୱର : ଓମସା ଭବନ ଠାରେ ଡାକ୍ତର ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ମରଶରୀର ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

## ଭରତପୁର ଜଙ୍ଗଲକୁ ଫେରିଲେ ଦୁଇ ଦନ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭରତପୁର ଜଙ୍ଗଲକୁ ଫେରିଲେ ଦୁଇ ଦନ୍ତା ହାତୀ। ରବିବାର ଭୋର ୪ଟାରେ ପଥରଗାଡ଼ିଆ ମଶାଣି ପାଚେରି ଭାଙ୍ଗି ଦନ୍ତା ହାତୀମାନେ ଜଙ୍ଗଲକୁ ଫେରିଯାଇଛନ୍ତି। ଗତ ୩ ଦିନ ହେବ ଦୁଇଟି ଦନ୍ତାହାତୀ ଶିଖର ଚଣ୍ଡି ପାହାଡରେ ଡେରା ପକାଇଥିଲେ । ଦୁଇ ଦନ୍ତା ହେଲେ ବଡ଼ ଫେରେକଟା ଓ ସାନ ଫେରେକଟା । ଦନ୍ତାହାତୀଙ୍କୁ ଘଉଡ଼ାଇବା ପାଇଁ ଚନ୍ଦକା ବନଖଣ୍ଡ ନାଇଟ ଅପରେସନ କରିଥିଲା । ଗତିବିଧି ଉପରେ ନଜର ରଖିବାକୁ ଭୁବନେଶ୍ୱର ବନାଞ୍ଚଳ ରେଞ୍ଜ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଥିଲା ।

### ବିନ୍ଦୁସାଗର ପୁଷ୍କରିଣୀରୁ ହେବ ପଙ୍କୋଦ୍ଧାର

## ଇସ୍କନ ନିକଟରେ ୩୦ କୋଟି ବ୍ୟୟରେ ହେବ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପରେ ବିନ୍ଦୁସାଗର ପୁଷ୍କରିଣୀରୁ ପଙ୍କୋଦ୍ଧାର ହେବ । ଏନେଇ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏହାସହ ବିଏମ୍ସି ଅଞ୍ଚଳରେ ଥିବା ବିଭିନ୍ନ ପ୍ରମୁଖ ଡ୍ରେନ ଗୁଡିକର କାମ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଦେଇଛନ୍ତି । ସେସବୁର କାର୍ଯ୍ୟ ମଧ ଖୁବଶୀଘ୍ର ଆରମ୍ଭ ହେବ ବୋଲି ଭୁବନେଶ୍ୱର ମହାନଗର ନିଗମର ୪୦ତମ ସାଧାରଣ ପରିଷଦ ବୈଠକରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି ।

ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପୁଷ୍କରିଣୀ ବିନ୍ଦୁସାଗରର ପଙ୍କୋଦ୍ଧାର କାର୍ଯ୍ୟକୁ ନେଇ ମେୟର ସୁଲୋଚନା ଦାସ କହିଛନ୍ତି, 'ପଙ୍କୋଦ୍ଧାର ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲି । ସମସ୍ତ କର୍ପୋରେଟର ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ଅକ୍ଷୟ ତୃତୀୟ ଠାରୁ ମହାପ୍ରଭୁଙ୍କ ଚାପ ରହିଥିବାରୁ ଏହା ପରେ ସମ୍ପୂର୍ଣ୍ଣ ପୁଷ୍କରିଣୀରୁ ଜଳ ନିଷ୍କାସନ କରାଯିବା ସହ ସେଥିରୁ ପଙ୍କୋଦ୍ଧାର କରାଯିବ ବୋଲି ନିଷ୍ପତ୍ତି ହୋଇଛି ।'

ସେପଟେ ଭୁବନେଶ୍ୱର ସହରରେ ଥିବା ବିଭିନ୍ନ ଜଳାଶୟର ମଧ୍ୟ ପୁନଃଉଦ୍ଧାର କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଛି ।





ଏହାସହ ବିଭିନ୍ନ ୱାର୍ଡରେ ଥିବା କମ୍ୟୁନିଟ୍ ସେଣ୍ଟର ଗୁଡିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ । ଯେଉଁଦିନ ବୁକିଂ ନଥିବ, ସେହିଦିନ ୱାର୍ଡର ବରିଷ୍ଠ ନାଗରିକମାନେ ତାହାକୁ ବ୍ୟବହାର କରିପାରିବେ । ସେହିପରି ଏଣିକି ଅସ୍ଥାୟୀ ପରିବହନ ଷ୍ଟେସନ (ଟିଟିଏସ୍)ରୁ ଅପରିଷ୍କାର ଇନ୍ଧନ ଡାଲମିଆ ସିମେଣ୍ଟ କାରଖାନା ଉଠାଇବ । ଟେଣ୍ଡରରେ ଡାଲମିଆ ସବୁଠାରୁ କମ୍ ଦର ଧାର୍ଯ୍ୟ କରିଥିବାରୁ ତାହାକୁ ଚୟନ କରାଯାଇଛି । ଏହା ଫଳରେ ଟିଟିଏସ୍ରେ ଆଉ ବର୍ଜ୍ୟ ଜମା ହୋଇ ରହିବ ନାହିଁ ବୋଲି ମେୟର କହିଛନ୍ତି।

ମେୟରଙ୍କ ସୂଚନା ଅନୁସାରେ, ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ । ଡ୍ରେନ ଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ । ସେହିପରି ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦୁଇଟି ଘରୋଇ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସେମାନେ ବର୍ଜ୍ୟରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବେ । ଏହି କାର୍ଯ୍ୟ ମଧ ଆରମ୍ଭ ହୋଇଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଟିକସ ଆଦାୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି ୧୧୭ କୋଟି ଟଙ୍କାରେ ପହଞ୍ଚିଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି ।

ରାଜ୍ୟ ସରକାରଙ୍କ ଘୋଷଣା ପରଠୁ ଅଦ୍ୟାବଧି ବିଏମ୍ସି ଅଞ୍ଚଳରୁ ୩୫୦୦ ଟଙ୍କା ଭତ୍ତା ପାଇଁ ୨୦୮୯ଜଣ ଆବେଦନ କରିଥିଲେ। ଏଥିରୁ ୧୬୫୮ଜଣଙ୍କୁ ଭତ୍ତା ଦିଆଯାଉଛି। ବାକି ୪୩୧ଜଣ ଆବେଦନକାରୀଙ୍କୁ ଭ୍ୟାକାନ୍ସି ହେଲେ, ଭତ୍ତା ତାଲିକାରେ ସାମିଲ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ପୋରେଟରମାନେ ରାଜ୍ୟ ସରକାରଙ୍କୁ ଅଧିକ ଭତ୍ତା ଅନୁମୋଦନ ପାଇଁ ଚିଠି ଲେଖିବାକୁ ପରାମର୍ଶ ଦେଇଛନ୍ତି। କର୍ପୋରେଟର ଭରତ କୁମାର ଲେଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ଜବରଦଖଲ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ପୋରେଟର ବନ୍ଦିତା ପାଲ୍ ଅଭିଯୋଗ କରିଥିଲେ ଯେ ନୟାପଲ୍ଲୀରେ ଏକ ପୋଖରୀକୁ କିଛି ବ୍ୟକ୍ତି ଘରବାରି କରି ନେଇଛନ୍ତି । ସାବକରେ ଏହା ଜଳାଶୟ ଥିବାବେଳେ ହାଲ୍ରେ ଘରବାରି ଦେଖାଉଛି ବୋଲି କହିଥିଲେ। କମିସନର ଏକ କମିଟି କରି ଏହାର ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୁକିଂ ନ ଥିବା ଦିନରେ ବିଭିନ୍ନ ୱାର୍ଡରେ ଥିବା କମ୍ୟୁନିଟି ସେଣ୍ଟରଗୁଡ଼ିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରଖିବାକୁ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ମୁଖ୍ୟ ବିତ୍ତ ଅଧିକାରୀ, ସିଟି ଇଂଜିନିୟର, ଜୋନାଲ କମିଶନର ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ ଓ ବିଏମ୍ସି ଅଧିକାରୀ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ...

ହେବାକୁ ଯାଉଥିବା ଏହି ଅତ୍ୟାଧୁନିକ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ରେ ପ୍ରସ୍ତୁତ ହେବାକୁ ଥିବା ଉପକରଣ ଆଗାମୀ ଦିନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିଷ୍ଟମ, ଉଚ୍ଚ ଦକ୍ଷତା ସମ୍ପନ୍ନ କମ୍ପ୍ୟୁଟିଂ, ପ୍ରତିରକ୍ଷା ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଉପଯୋଗ ହେବ । ଗତ କିଛି ଦିନ ତଳେ ଖୋର୍ଦ୍ଧାରେ ୪୦ ହଜାର କୋଟି ଟଙ୍କାର ନିବେଶ ସହିତ ଅନେକ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଶ୍ରୀ ମାଝୀ କହିଥିଲେ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଏକ ପତ୍ର ଲେଖି ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଆଧାର ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ଶ୍ରୀ ମାଝୀ କହିଥିଲେ, ଥ୍ରୀ ଡି ଗ୍ଲାସ୍ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣ ଲାଗି କମ୍ପାନୀ ପ୍ରାୟ ୨ ହଜାର କୋଟି ଟଙ୍କାର ନିବେଶ କରିଛି । ଏଠାରେ ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ୍, ୫୦ ନିୟୁତ ଆସେମ୍ବଲ ୟୁନିଟ୍ ଏବଂ ୧୩ ହଜାର ଅତ୍ୟାଧୁନିକ ଥ୍ରୀଡିଆଇ ମଡ୍ୟୁଲ୍ ନିର୍ମାଣ କରାଯିବ। ଗତବର୍ଷ ଅଗଷ୍ଟ ମାସରେ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟକୁ ଅନୁମୋଦନ କରିଥିଲେ । ସେପ୍ଟେମ୍ବର ମାସରେ ଅନୁମୋଦନ ଲାଭ କରିଥିବା ଦୁଇଟି ପ୍ରକଳ୍ପ ମଧ୍ୟରୁ ଗୋଟିଏର ଶିଳାନ୍ୟାସ ହୋଇସାରିଛି । ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ମଧ ଓଡ଼ିଶାରେ ସିଲିକନ୍ କାର୍ବାଇଡ୍ କମ୍ପାଉଣ୍ଡିଂ ଫେବ୍ରିକେସନ୍ ପ୍ଲାଣ୍ଟ ନିର୍ମାଣ କରୁଛି । ଖୁବଶୀଘ୍ର ଏହି ପ୍ରକଳ୍ପରେ ଉତ୍ପାଦନ ଆରମ୍ଭ ହେବ । ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ୟୁନିଟ୍ ଏବଂ ପ୍ରଥମ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ କେନ୍ଦ୍ର ସ୍ଥାନ ହେବାକୁ ଯାଉଛି। ସେ ଏଥିପାଇଁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଓଡ଼ିଶାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଶିଳ୍ପଗୁଡ଼ିକ ରାଜ୍ୟର ଇଞ୍ଜିନିୟରିଂ, ଡିପ୍ଲୋମା ଏବଂ ଆଇଟିଆଇ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ପ୍ରକଳ୍ପ ଆମ ଯୁବପିଢ଼ିଙ୍କ ପାଇଁ ହଜାର ହଜାର ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବ। ଏହା ରାଜ୍ୟକୁ ଖଣି ଆଧାରିତ ଅର୍ଥବ୍ୟବସ୍ଥା ଠାରୁ ପ୍ରଯୁକ୍ତି ଶିଳ୍ପ ଆଧାରିତ ଅର୍ଥବ୍ୟବସ୍ଥା ରୂପେ ବିକଶିତ କରିବ। ରାଜ୍ୟରେ ଯଥେଷ୍ଟ ଶକ୍ତି, ଦକ୍ଷ କାର୍ଯ୍ୟବଳ ଓ ପ୍ରଗତି ପାଇଁ ପ୍ରତିବଦ୍ଧତା ରହିଛି । ଓଡ଼ିଶା ଆଧୁନିକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ପସନ୍ଦଯୋଗ୍ୟ ନିବେଶ ସ୍ଥଳୀ ରୂପେ ବିକଶିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟା ପୂର୍ବରୁ ଓଡ଼ିଶାରେ ରବିବାର ସେମିକଣ୍ଡକ୍ଟର ପ୍ଲାଣ୍ଟର ଶିଳାନ୍ୟାସ କରାଯିବା ଖୁସିର ବିଷୟ । ଏହି ପ୍ରକଳ୍ପ ଲାଗି ସହଯୋଗ ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ଭାରତରେ ସେମିକଣ୍ଡକ୍ଟର ଭଳି ଜଟିଳ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିଳ୍ପର ବିକାଶ ଲାଗି ପ୍ରୋତ୍ସାହନ ନିମନ୍ତେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ ଧନ୍ୟବାଦ ଜ୍ଞାପନ କରିଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି କାରଣରୁ ଓଡ଼ିଶା ସମେତ ସାରା ଦେଶରେ ଆଜି ସେମିକଣ୍ଡକ୍ଟର ଶିଳ୍ପର ଦ୍ରୁତ ବିକାଶ ହେଉଛି । ଏହି ପ୍ରକଳ୍ପ ପାଇଁ ସେ ସବୁ ଅଂଶୀଦାର ଏବଂ ଶିଳ୍ପ ପ୍ରତିନିଧିମାନଙ୍କୁ କୃତଜ୍ଞତା ଜଣାଇଥିଲେ।

ଏହି ପ୍ରକଳ୍ପରେ ମୋଟ ୧୯୪୩.୫୩ କୋଟି ଟଙ୍କା ନିବେଶ ହେବ, ଯେଉଁଥିରେ ୧୫୯୮.୩୩ କୋଟି ଟଙ୍କାର ଯୋଗ୍ୟ ପୁଞ୍ଜି ଖର୍ଚ୍ଚ ଅନ୍ତର୍ଭୁକ୍ତ। ଅନୁମୋଦିତ କେନ୍ଦ୍ରୀୟ ଆର୍ଥିକ ସହାୟତା ପରିମାଣ ୭୯୯ କୋଟି ଏବଂ ଅତିରିକ୍ତ ରାଜ୍ୟ ସହାୟତା ୩୯୯.୫ କୋଟି ଟଙ୍କା ରହିଛି । ପ୍ରକଳ୍ପକୁ ୭୪୫ କୋଟି ଟଙ୍କାର ଇକ୍ୱିଟି ଆଧାରିତ ସରକାରୀ ସହାୟତା ମାଧ୍ୟମରେ ପାଣ୍ଠି ଯୋଗାଇ ଦିଆଯାଉଛି, ଏହି ପର୍ଯ୍ୟାୟରେ କୌଣସି ବାହ୍ୟ ଋଣ ପରିକଳ୍ପନା କରାଯାଇ ନାହିଁ। ଏହାଦ୍ୱାରା ୨,୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା ୫୦ ନିୟୁତ ଆସେମ୍ବଲ୍ଡ ୟୁନିଟ୍ ରହିଛି। ଏଠାରେ ତିଆରି ହେବାକୁ ଥିବା ଚିପଗୁଡ଼ିକ ମହାକାଶ, ପ୍ରତିରକ୍ଷା, ଏଆଇ, ଫାଇଭ୍ ଜି ପ୍ରଯୁକ୍ତି ଓ ଡାଟା ସେଣ୍ଟର ଆଦି କ୍ଷେତ୍ରରେ ବ୍ୟବହାର କରାଯିବ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ସଚିବ ଏସ. କ୍ରିଷ୍ଣନ୍, ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଥ୍ରୀ ଡି ଗ୍ଲାସ୍ ସଲ୍ୟୁସନ୍ସର ଅଧ୍ୟକ୍ଷ ତଥା ସିଇଓ ବାବୁ ମାନ୍ଦଭା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତରେ...

ବିଷୟରେ ଘୋଷଣା କରିଛନ୍ତି ଏବଂ ରାଷ୍ଟ୍ରପତି ଲିଙ୍କୁ ସ୍ୱାଗତ କରିଛନ୍ତି। ମ୍ୟୁଙ୍ଗ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିବେ। ତାଙ୍କର ଏହି ଯାତ୍ରା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅନିଶ୍ଚିତତା ମଧ୍ୟରେ ସପ୍ଲାଇ ଚେନକୁ ସ୍ଥିର କରିବା ଉପରେ ଧ୍ୟାନ ଦିଆଯାଇପାରେ।

## ଓଡ଼ିଶାରେ ରେଳ...

ପ୍ରତି ଆଲୋକପାତ କରିଥିଲେ।

ମନ୍ତ୍ରୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେସନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କେନ୍ଦ୍ରିକ ଉନ୍ନତିକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ।

ଶ୍ରୀ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ, ଯେଉଁମାନେ କାର୍ଯ୍ୟର ପରିବର୍ତ୍ତନ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଷ୍ଟେସନରେ ବିକଶିତ ହେଉଥିବା ବିମାନବନ୍ଦର ଭଳି ସୁବିଧାଗୁଡ଼ିକର ପ୍ରଶଂସା କରିଥିଲେ। କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଏବଂ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଷ୍ଟେସନର ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ ଏଲିଭେଟେଡ୍ କରିଡରର ସମୀକ୍ଷା କରି, ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ ।

## ଓଡ଼ିଶାର ସମୃଦ୍ଧ...

ପରି କ୍ଷେତ୍ରରେ ଅନ୍ତର୍ଜାତୀୟମାନ ଅନୁସାରେ ଦିଆଯାଉଥିବା ଆଧୁନିକ ଦକ୍ଷତାମୂଳକ ପ୍ରଶିକ୍ଷଣ ବ୍ୟବସ୍ଥାକୁ ନିରୀକ୍ଷଣ କରିଥିଲେ। ଭର୍ଚୁଆଲ୍ ରିଅଲିଟି ଆଧାରିତ ପ୍ରଶିକ୍ଷଣ, ବ୍ୟୁଟି ଓ ୱେଲନେସ୍ ଶିକ୍ଷା, ମେକାଟ୍ରୋନିକ୍ସ କାର୍ଯ୍ୟକଳାପଗୁଡ଼ିକୁ ପ୍ରାୟୋଗିକ ଭାବେ ଦେଖିବା ଓ ଅନୁଭବ କରିବାର ସୁଯୋଗ ପାଇଥିଲେ ।

## ୭୫ ବର୍ଷର...

ପୂର୍ବେ ସ୍ଥାପନ ହୋଇଥିବା ଏହି ଶିକ୍ଷାର ଚାରା ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଲୋକ ଦେଉଛି । ବିଦ୍ୟାଳୟ ପକ୍ଷରୁ ଏହାର ଆବଶ୍ୟକତା ସମ୍ପର୍କରେ ଯେଉଁ ସବୁ ଦାବି ରହିଛି, ସରକାର ଏହାର ବିଚାର କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୪ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ପ୍ଲାଟିନମ୍ ଜୁବିଲି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ପ୍ରାଚୀ ନଦୀର ପୁନରୁଦ୍ଧାର ନିମିତ୍ତ ୪୫୦ କୋଟି ଟଙ୍କା ଘୋଷଣା କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମରେ ଜଗତସିଂହପୁରର ସାଂସଦ ଡ ବିଭୁପ୍ରସାଦ ତରାଇ, ନିଆଳିର ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ପୁରାତନ ଛାତ୍ର ଡ ସୁନୀଲ କୁମାର ଷଡଙ୍ଗୀ, ପ୍ଲାଟିନମ ଜୁବୁଲି କମିଟିର ସଭାପତି ସୁଶାନ୍ତ କୁମାର ଦାଶ, ସମ୍ପାଦକ ଫଣିଭୂଷଣ ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ସମେତ ବହୁ ସଂଖ୍ୟକ ଶିକ୍ଷକ, ପୁରାତନ ଛାତ୍ର ଓ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଇଟାଲୀରେ ୨ ଭାରତୀୟ ...

ଗୁରୁଦ୍ୱାର ମାତା ସାହିବ କୌରଜୀଙ୍କ ସାମ୍ନାରେ ଥିବା ଛକରେ ଏହି ଆକ୍ରମଣ ଘଟିଥିଲା।ମୃତକମାନେ ହେଲେ କୋଭୋର ୪୮ ବର୍ଷୀୟ ରାଗିନ୍ଦର ସିଂ ଓ ଆଗ୍ନାଡେଲୋର ଗୁରମିତ ସିଂହ (୪୮)। ଆକ୍ରମଣକାରୀ ସେମାନଙ୍କ ନିକଟକୁ ଯାଇ ଗୁଳି ଚଳାଇଥିଲେ ଏବଂ ପରେ ଏକ କାରରେ ପଳାଇ ଯାଇଥିଲେ। ଜଣେ ସାକ୍ଷୀ ଗଣମାଧ୍ୟମକୁ କହିଛନ୍ତି ଯେ ସୁଟର ଜଣେ ଭାରତୀୟ, ଯିଏ ଗୁରୁଦ୍ୱାରକୁ ବାରମ୍ବାର ଆସୁଥିଲେ। ସେହି ସାକ୍ଷୀଙ୍କ କହିବା ଅନୁଯାୟୀ, ଗୁଳି ଜଣେ ତୃତୀୟ ବ୍ୟକ୍ତିଙ୍କୁ ମଧ କରାଯାଇଥିଲା।

## ଆକାଶରୁ ବର୍ଷୁଛି ନିଆଁ...

ଏହିସବୁ ଜିଲ୍ଲାରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବି ବନ୍ଦ ରହିବ। ପ୍ରବଳ ଖରା ଓ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଯଦି କୌଣସି ସ୍କୁଲରେ ପରୀକ୍ଷା ଥାଏ ତାହା ଚାଲୁ ରହିବ। ପରୀକ୍ଷାଗୁଡ଼ିକ ସକାଳ ସମୟରେ ହେବ।

ଗତ କିଛି ଦିନ ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ତାତିର ନିସ୍ତାର ନାହିଁ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଆସନ୍ତା ୨୩ ଯାଏଁ ହିଟ୍ ୱେଭ ୱାର୍ଣ୍ଣିଂ ଜାରି ହୋଇଛି।

ଆସନ୍ତା ୨୨ ତାରିଖ ବେଳକୁ ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଟିଟିଲାଗଡ଼, ଭବାନୀପାଟଣା ଭଳି ଜିଲ୍ଲାରେ ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର ଛୁଇଁପାରେ ବୋଲି ପାଣିପାଣ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଆସନ୍ତା ୩ ଦିନ ପାଇଁ ଉପକୂଳ ଓଡ଼ିଶାରେ ଅସହ୍ୟ ତାତି ଗୁଳୁଗୁଳି ପାଇଁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ।

## ଇରାନକୁ ଟ୍ରମ୍ପଙ୍କ...

ଦଳ ସୋମବାର ଇସଲାମାବାଦ ପହଞ୍ଚିବେ। ସେରେନା ହୋଟେଲ ଏବଂ 'ରେଡ୍ ଜୋନ୍' ଚତୁପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉକ୍ତ ଅଞ୍ଚଳରେ ମୋବାଇଲ୍ ସିଗ୍ନାଲ ଜାମ୍ କରାଯାଇଛି ଏବଂ ଯାନ ଚଳାଚଳ ଉପରେ ମଧ କଟକଣା ଲଗାଯାଇଛି। ଇରାନକୁ ତା'ର ସମସ୍ତ ସମୃଦ୍ଧ ୟୁରାନିୟମ ଗଚ୍ଛିତ ଭଣ୍ଡାର ହସ୍ତାନ୍ତର କରିବାକୁ ଆମେରିକା ସର୍ତ୍ତ ରଖିଛି ଏବଂ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହାକୁ ଅସମ୍ଭବ ବୋଲି ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ତେହେରାନ ଆମେରିକାର ସାମୁଦ୍ରିକ ଅବରୋଧର ତୁରନ୍ତ ଅନ୍ତ ଦାବି କରିଛି। ଉଲ୍ଲଂଘନ ଏବଂ ଅସ୍ଥିରତା ହର୍ମୁଜ ପ୍ରଣାଳୀରେ ଗୁଳି ବିନିମୟ ଏବଂ ଜାହାଜଗୁଡ଼ିକ ଉପରେ ଆକ୍ରମଣ ପରେ ପରିବେଶ ଆହୁରି ତିକ୍ତ ହୋଇଛି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଇରାନ ସେନା ଶନିବାର ଦିନ ବିଭିନ୍ନ ଜାହାଜ ଉପରେ ଗୁଳି ଚଳାଇ ଦୁଇ ସପ୍ତାହର ଅସ୍ତ୍ରବିରତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି। ତେହେରାନ ଯଦିଓ ଦାବି କରୁଛି ଯେ ଏହା କେବଳ ଅନଧିକୃତ ପ୍ରବେଶ ବିରୁଦ୍ଧରେ ନିଜର ସାମୁଦ୍ରିକ ସାର୍ବଭୌମତ୍ୱକୁ ରକ୍ଷା କରୁଥିଲା, କିନ୍ତୁ ଏହି ଘଟଣା ୱାଶିଂଟନକୁ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସୁଯୋଗ ଦେଇଛି।ଏହି ସଙ୍କଟ ସମୟରେ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ଭୂମିକା ଏବେ ଚର୍ଚ୍ଚାରେ ରହିଛି।

## କଏଦୀଙ୍କ ସୁନା ଅଳଙ୍କାର ଗାଏବ ଘଟଣାରେ ଚୌଦ୍ୱାର ଜେଲ୍ ୱାର୍ଡର ଗିରଫ





**କଟକ, ନ୍ୟୁଜ ବ୍ୟୁରୋ**

କିଛିମାସ ତଳେ ଜଣେ କଏଦୀଙ୍କ ସୁନା ଅଳଙ୍କାର ଗାଏବକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲା ଚୌଦ୍ୱାର ଜେଲ୍। ଏହି ଘଟଣାରେ ଚୌଦ୍ୱାର ଥାନା ତରଫରୁ ଜେଲ୍ ୱାର୍ଡର ମନୋଜ ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମାହାଙ୍ଗା ଥାନା ଅଞ୍ଚଳର ଇତିଶ୍ରୀ ମହାନ୍ତି କୌଣସି ଏକ ମାମଲାରେ ବିଚାରାଧୀନ କଏଦୀ ଭାବେ ୨୦୨୫ ସେପ୍ଟେମ୍ବର ୨୩ରେ ଚୌଦ୍ୱାର ଜେଲ୍କୁ ଆସିଥିଲେ। ସେ ପିନ୍ଧିଥିବା ସୁନା ମୁଦି, କାନଫୁଲ ଓ ନାକଫୁଲ ଆଦି ଜେଲ୍ରେ ଥିବା ସିସିଟିଭି ସାମନାରେ ଜେଲ୍ କର୍ମଚାରୀଙ୍କ ଜିମା ଦେଇଥିଲେ। ୩ ମାସ ପରେ ଅର୍ଥାତ୍ ୨୦୨୫ ଡିସେମ୍ବର ୨୩ରେ ଜେଲ୍ରୁ ଜାମିନରେ ବାହାରିଥିବା ବେଳେ ଶ୍ରୀମତୀ ମହାନ୍ତିଙ୍କୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କ ଅଳଙ୍କାର ଫେରାଇ ପାରି ନଥିଲେ। ଯାହାକୁ ନେଇ ସେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଜେଲ୍ ଅଧୀକ୍ଷକ ସୁଜିତ୍ କୁମାର ରାଉଳ ଓ ତତ୍କାଳୀନ ଜେଲରଙ୍କ ଭିତରେ ଦୋଷ ଲଦାଲଦି ହୋଇ ଉଭୟ ପରସ୍ପରଙ୍କ ନାଁରେ ଚୌଦ୍ୱାର ଥାନାରେ ଦୁଇଟି ଅଭିଯୋଗ କରିଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ଜେଲ୍ ଅଧୀକ୍ଷକ ସୁନା ଅଳଙ୍କାର ବାବଦରେ ନିଜ ପକେଟ୍ରୁ ୧ଲକ୍ଷ ୯୦ହଜାର ଟଙ୍କା ସମ୍ପୃକ୍ତ କଏଦୀଙ୍କୁ ଫେରାଇଥିଲେ। ଘଟଣାର ତଦନ୍ତ ଜାରି ରହିଥିଲା ବେଳେ ଏହି ସୁନା ଅଳଙ୍କାର ଗାଏବ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଜି ଚୌଦ୍ୱାର ଥାନା ତରଫରୁ ଜେଲ୍ ୱାର୍ଡର ମନୋଜ ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ତଦନ୍ତ ଜାରି ରହିଥିଲା, ତେବେ ଜେଲ୍ ଅଧୀକ୍ଷକ କାହିଁକି ତରବରିଆ ଭାବେ ନିଜେ ଟଙ୍କା ଦେଇ ସମ୍ପୃକ୍ତ ମହିଳାଙ୍କ ପାଟି ଚୁପ୍ କରିବାକୁ ଚେଷ୍ଟା କରିଥିଲେ ପାଚେରି ଡେଇଁ କଏଦୀ ଫେରାର, ଜେଲରେ ଆତ୍ମହତ୍ୟା, ଗଣ୍ଡଗୋଳ, ଠିକା କାମରେ ଅନିୟମିତତା ଭଳି ଅଭିଯୋଗ ଆସିବା ପରେ ମଧ ଅଧୀକ୍ଷକ ଶ୍ରୀ ରାଉଳଙ୍କ ଉପରେ ଜେଲ୍ ବିଭାଗ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି।

## ୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଦୁଇ ଗିରଫ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗାନ୍ଧୀ ପଡ଼ିଆରେ ଚଢ଼ଉ କରି ୫ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଶାଗୁଆନ ବଗିଚାର ରଶ୍ମି ରଞ୍ଜନ ବାରିକ(୨୬), ଠେଙ୍ଗା ହାଟ ସ୍ୱପ୍ନେଶ୍ୱର ସାହିର ଶ୍ରୀଧର ପୃଷ୍ଟି ଆଲିଆସ ଗୁଡୁ (୨୩)। ପୋଲିସ ଏମାନଙ୍କ ଠାରୁ ୪ଟି ଖଣ୍ଡା, ଗୋଟିଏ ଆପାଚୀ ଓ ଗୋଟିଏ ହିରୋ ସ୍ପ୍ଲେଣ୍ଡର ବାଇକ୍, ଦୁଇଟି ମୋବାଇଲ ଓ ନଗଦ ୨୫ ହଜାର ଟଙ୍କା ଜବତ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

## ପର୍ଶୁରାମଙ୍କ ଜୟନ୍ତୀରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭଗବାନ ପର୍ଶୁରାମଙ୍କ ଜୟନ୍ତୀର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭଗବାନ ଶ୍ରୀ ବିଷ୍ଣୁଙ୍କ ଅବତାର, ଅପାର ଶକ୍ତି, ଶସ୍ତ୍ର ଏବଂ ଶାସ୍ତ୍ରର ପ୍ରତୀକ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭକାମନା ଓ ଭକ୍ତିପୂର୍ଣ୍ଣ ପ୍ରଣାମ। ପ୍ରଭୁ ପର୍ଶୁରାମଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ।





ଭୁବନେଶ୍ୱର : ହାପି ହେଲ୍ପିଂ ହାର୍ଟ ପକ୍ଷରୁ ରାମ ମନ୍ଦିର ପରିସରରେ ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ସର୍ବତ୍ ବଣ୍ଟନ କରାଯାଉଛି।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଅନୁଗୁଳ, ଖୋର୍ଦ୍ଧା ଓ ଦେବଗଡ଼ରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୁଳ, ଖୋର୍ଦ୍ଧା ଓ ଦେବଗଡ଼ ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଭାବେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ପ୍ରଶାସନଙ୍କ ଜାରି କରାଯାଇଥିବା ଔପଚାରିକ ନିର୍ଦ୍ଦେଶ ଅନୁଯାୟୀ, ଖୋର୍ଦ୍ଧା ଓ ଦେବଗଡ଼ରେ ସମସ୍ତ ଶିକ୍ଷାନୁଷ୍ଠାନ ୨୦ ଏପ୍ରିଲ୍ ଠାରୁ ୨୩ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ। ଅନ୍ୟପଟେ, ଅନୁଗୁଳ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ୨୦ ଏପ୍ରିଲ୍ ଠାରୁ ୨୨ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ। ପ୍ରଶାସନ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ନିର୍ଦ୍ଦେଶକୁ କଡ଼ାକଡ଼ିରେ ପାଳନ କରାଯିବାକୁ ସୁନିଶ୍ଚିତ କରନ୍ତୁ, ଯାହା ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ। ଅଧିକାରୀମାନେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ଯଦି ଏହି ସମୟସୀମାରେ କୌଣସି ପରୀକ୍ଷା ନିର୍ଦ୍ଧାରିତ ଅଛି, ତେବେ ସେଗୁଡ଼ିକୁ କେବଳ ସକାଳ ସମୟରେ ଆୟୋଜନ କରାଯିବ । ଏହି ନିଷ୍ପତି ରାଜ୍ୟରେ ବଢୁଥିବା ତାପମାତ୍ରା ଓ ଭାରତ ପାଣିପାଗ ବିଜ୍ଞାନ କେନ୍ଦ୍ର ଦ୍ୱାରା ଜାରି ହୋଇଥିବା ହିଟୱେଭ ସତର୍କତାକୁ ଧ୍ୟାନରେ ରଖି ନିଆଯାଇଛି। ପ୍ରଶାସନ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି ଯେ, ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ, ଦ୍ୱିପ୍ରହର ସମୟରେ ଅନାବଶ୍ୟକ ଭାବେ ବାହାରକୁ ଯିବାରୁ ଦୂରେଇ ରୁହନ୍ତୁ ଓ ଗରମ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାରୁ ବଂଚିବା ପାଇଁ ଆବଶ୍ୟକ ସତର୍କତା ଅନୁସରଣ କରନ୍ତୁ।

**GOVT OF ODISHA**
OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in

No:-Tender – Online – NayagarhDivn. –02/2026-27 Date:-

**e-Procurement Notice** 25001/30/2627

1. Name of the work : Building works.
2. Total No. of Projects : 02(Two) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.22.35 Lakhs & Rs.5.42 lakhs
5 Time for completion : 04(Four) & 02 (Two) calendar month.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 02/2026-27 | 23.04.2026 at 10.00 A.M | 04.05.2026 upto 5.30 P.M. | 05.05.2026 at 11.00 A.M. |

Further details can be seen from the website www.tendersorissa.gov.in
OIPR-25001/25106/1/26-27/0002
Executive Engineer
Rural Works Division, Nayagarh

ଭୁବନେଶ୍ୱର, ୨୦ ଅପ୍ରେଲ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆଜି ଅକ୍ଷୟ ତୃତୀୟା: ସଜେଇ ହୋଇଛି ନରେନ୍ଦ୍ର ପୋଖରୀ



**ପୁରୀ, ୧୯/୦୪**
**ନ୍ୟୁଜ ବ୍ୟୁରୋ**

ସୋମବାର ପବିତ୍ର ଅକ୍ଷୟ ତୃତୀୟା। ସଜେଇ ହେଉଛି ନରେନ୍ଦ୍ର ପୋଖରୀ । ସଜେଇ ହେଉଛି ନନ୍ଦା, ଭଦ୍ରା ଚାପ। ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କର ଦୁଇ ଦୁଇଟି ଅନନ୍ୟ ପରମ୍ପରା ଗୋଟିଏ ଦିନରେ ହେବ । ମହାପ୍ରଭୁଙ୍କ ୨୧ ଦିନ ଧରି ବାହାର ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ଏବଂ ଅନ୍ୟଟି ରଥ ନିର୍ମାଣକାରୀଙ୍କ ଦ୍ୱାରା ରଥ ନିର୍ମାଣ ଅନୁକୂଳ ହେବ। ତୀର୍ଥ ପୁଷ୍କରିଣୀ ନରେନ୍ଦ୍ର ଏବେଠାରୁ ଚଳ ଚଞ୍ଚଳ । ଭୋଇ ସେବକ ଓ ମହାରଣା ସେବକମାନେ ପ୍ରସ୍ତୁତ କରୁଛନ୍ତି ଚାପ। ବର୍ଷ ତମାମ ପାଣିରେ ବୁଡି ରହୁଥିବା ଡଙ୍ଗାକୁ ଉଦ୍ଧାର କରାଯାଇ ସାରିଛି। ଏବେ ସେଥିରେ ମରାମତି ଆରମ୍ଭ ହୋଇଛି। ୧୦ ମହାରଣା ଓ ୧୦ ଭୋଇ ସେବାୟତ କାମରେ ଲାଗି ପଡିଛନ୍ତି। ୪ ଡଙ୍ଗାରେ ଧାରଣା ଲାଗିବା ସହ ପଟା ବାଡ଼ିଆ କାମ ହୋଇ ମୁଣ୍ଡୁଳି ଉଠୁଛି। ଶେଷ ପର୍ଯ୍ୟାୟରେ ପହଁଞ୍ଚିଲାଣି କାର୍ଯ୍ୟ। କେବଳ ସୋମବାର ହଂସ ଲାଗିବା ପରେ ଚାପ ଖେଳିବେ ମଦନ ମୋହନ, କୃଷ୍ଣ ବଳରାମ, ପଞ୍ଚୁ ପାଣ୍ଡବ। ଦୁଇଟି ଡଙ୍ଗାକୁ ନେଇ ନନ୍ଦା, ଆଉ ଦୁଇଟିକୁ ନେଇ ପ୍ରସ୍ତୁତ ହେବ ଭଦ୍ରା ଚାପ। ଗୋଟିଏ ଡଙ୍ଗା ବୈଜନ୍ତରି ଚାପକୁ ବାଟ କଢ଼େଇ ନେବ । ଏନେଇ ଚିତ୍ରକାର ସେବକମାନେ ମଧ୍ୟ ବେଶ୍ ତତ୍ପର । ଚନ୍ଦନ ମଣ୍ଡପ, ପାଣି ଚାଳି, ପଞ୍ଚୁ ପାଣ୍ଡବ ମନ୍ଦିର, ରାମକୃଷ୍ଣ ମନ୍ଦିର, ଜଗମୋହନ ଆଦି ରଙ୍ଗ କରାଯାଇ କେବଳ ମହାପ୍ରଭୁଙ୍କ ଅପେକ୍ଷା ରହିଛି।

# ୨୧ରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି : ରାଉରକେଲାରେ ୪ ପ୍ରକଳ୍ପର କରିବେ ଲୋକାର୍ପଣ

**ରାଉରକେଲା, ୧୯/୪**
**ନ୍ୟୁଜ ବ୍ୟୁରୋ**



ଆସନ୍ତା ୨୧ ତାରିଖରେ ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଉରକେଲାରେ ୪ଟି ପ୍ରକଳ୍ପର କରିବେ ଲୋକାର୍ପଣ। ଆସନ୍ତା ୨୧ ତାରିଖ ସକାଳେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ବାହାରି ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବା ପରେ ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟରରେ ଉଡ଼ାଣ ଭରି ପୂର୍ବାହ୍ନ ୧୧ଟା ୧୦ମିନିଟ୍‌ରେ ରାଉରକେଲା ବିମାନ ବନ୍ଦରରେ ଅବତରଣ କରିବେ । ଆଦିବାସୀ ସଂସ୍କୃତି ପରମ୍ପରା ଆଦିବାସୀ ନୃତ୍ୟରେ ମହାମହିମ ରାଷ୍ଟ୍ରପତି ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ କରିବାର ସରିଛି ସମସ୍ତ ପ୍ରସ୍ତୁତି । ରାଷ୍ଟ୍ରପତି ବିମାନ ବନ୍ଦରରୁ ସିଧାସଳଖ ଭାବେ ଯାଇ ପହଞ୍ଚିବେ ରାଉରକେଲା ଓ୍ୱାନରେ। ରାଉରକେଲା ଓ୍ୱାନ ପରିସରରେ ୪୮କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା କମାଣ୍ଡ କଣ୍ଟ୍ରୋଲ ରୁମ୍‌କୁ ଲୋକାର୍ପଣ କରିବେ। ଯେଉଁଠାରୁ ରାଉରକେଲା ସହର ସିସିଟିଭି ନଜରରେ ରହିବ। ଏହାସହ ୪୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଆଦିବାସୀ ସଂଗ୍ରାହଳୟକୁ ଲୋକାର୍ପଣ କରିବେ ରାଷ୍ଟ୍ରପତି । ସେଠାରୁ ରାଷ୍ଟ୍ରପତି ଯିବେ ସେକ୍ଟର ୧୩ ମେଳଣ ପଡ଼ିଆକୁ ଯେଉଁଠାରେ ଆୟୋଜନ କରାଯାଇଛି ସାଧାରଣ ସଭା। ଯେଉଁଥିରେ ୧୦ ହଜାର ଛାତ୍ରଛାତ୍ରୀ, ୩୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଗୋଷ୍ଠୀ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଆଉ ସେହିଠାରେ ଭର୍ଚ୍ଚୁଆଲରେ ସମ୍ପୂର୍ଣ୍ଣ ହୋଇଥିବା ୪ଗୋଟି ପ୍ରକଳ୍ପ କୋଏଲ ନଗର ମନୋରଞ୍ଜନ ପାର୍କ, ଖର୍ଚ୍ଚ ୪୨.୪୪କୋଟି, ଛେଣ୍ଡ୍ ସ୍ଥିତ ସାଇନ୍ସ ପାର୍କ ଆଣ୍ଡ୍ ପ୍ଲାନେଟୋରିୟମ ଖର୍ଚ୍ଚ ୨୭ କୋଟି କରିବେ ଲୋକାର୍ପଣ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଆଇନଶୃଙ୍ଖଳାକୁ ନଜରରେ ରଖି ଫୋର୍ସ ମୁତୟନ ସହ ସାଧା ପୋଷାକରେ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଜଗି ରହିବେ ଗୁଇନ୍ଦା ଅଧିକାରୀ। ଏହି ୪ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ପରିଦର୍ଶନ କରିସାରିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଅବସ୍ଥାପିତ ହେବା ପରେ ଏହା ତାଙ୍କର ପ୍ରଥମ ରାଉରକେଲା ଗସ୍ତ। ସୁନ୍ଦରଗଡ଼ ମାଟିରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ସୁନ୍ଦରଗଡ଼ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

# ଓଡ଼ିଶାର ପ୍ରାଚୀନ ପୋଥି ଓ ପାଣ୍ଡୁଲିପି ସଂରକ୍ଷଣରେ ଜନସାଧାରଣ କରନ୍ତୁ ସହଯୋଗ: ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୧୯/୦୪ ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ପ୍ରାୟ ୫୩,୯୫୦ଟି ପାଣ୍ଡୁଲିପି ପଞ୍ଜିକରଣ ହୋଇଛି । ଏହା ସମ୍ପର୍କରେ ସବିଶେଷ ଅନୁଧ୍ୟାନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସର୍ବେକ୍ଷଣ ଓ ଡିଜିଟାଇଜେସନ କରାଯାଉଛି । ରାଜ୍ୟ ତଥା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ତଥା ପ୍ରାଚୀନ ତାଳପତ୍ର ପୋଥି ଏବଂ ପାଣ୍ଡୁଲିପିର ସର୍ବେକ୍ଷଣ, ସଂରକ୍ଷଣ ଓ ଡିଜିଟାଇଜେସନ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଏହି ମୂଲ୍ୟବାନ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ପାଇଁ ସହଯୋଗ ଓ ନିଜ ପାଖରେ ଥିବା ପ୍ରାଚୀନ ତାଳପତ୍ର ପୋଥି ଓ ପାଣ୍ଡୁଲିପିର ପଞ୍ଜିକରଣ କରିବାକୁ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଭାରତ ସରକାରଙ୍କ 'ଜ୍ଞାନ ଭାରତମ ମିଶନ' ଅଧୀନରେ ଆରମ୍ଭ ହୋଇଥିବା ଜାତୀୟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ହୋଇ ରହିଥିବା ପାଣ୍ଡୁଲିପିଗୁଡ଼ିକର ସର୍ବେକ୍ଷଣ, ସଂଗ୍ରହ, ସଂରକ୍ଷଣ ଏବଂ ଡିଜିଟାଇଜେସନ କରି ଏକ କେନ୍ଦ୍ରୀୟ 'ନ୍ୟାସନାଲ ଡିଜିଟାଲ ରେପୋଜିଟୋରୀ' ବା ଏନଡିଆର ପ୍ରସ୍ତୁତ କରିବା। ଓଡ଼ିଶାର ସମୃଦ୍ଧ ପରମ୍ପରା ତାଳପତ୍ର ପୋଥି ଓ ପାଣ୍ଡୁଲିପି ଆଦିରେ ଲିପିବଦ୍ଧ ରହିଛି। ସେସବୁ ମଧ୍ୟ ସଂସ୍କୃତ, ପାଲି, ଓଡ଼ିଆ ଓ ଆଞ୍ଚଳିକ ଭାଷାରେ ରହିଛି। ଏହା ରାଜ୍ୟ ତଥା ଦେଶର ସାଂସ୍କୃତିକ ଐତିହ୍ୟ, ଗବେଷଣା, ସଂରକ୍ଷିତ ତଥ୍ୟର ଡିଜିଟାଲ ଉପଲବ୍ଧତା, ଭବିଷ୍ୟତରେ କାଟାଲଗିଂ କରି ସଂରକ୍ଷଣ, ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ। ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୫୩,୯୫୦ଟି ପାଣ୍ଡୁଲିପି ପଞ୍ଜିକରଣ ହୋଇଛି । ସେଗୁଡ଼ିକ ସମ୍ପର୍କରେ ସବିଶେଷ ଅନୁଧ୍ୟାନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସର୍ବେକ୍ଷଣ ଓ ଡିଜିଟାଇଜେସନ କରାଯାଉଛି। ବିଭାଗ ପକ୍ଷରୁ ବିଜ୍ଞାପନ ମାଧ୍ୟମରେ ଯେଉଁ ବିଭିନ୍ନ ଧାର୍ମିକସ୍ଥଳ ଏବଂ ଐତିହ୍ୟ ସହ ଜଡ଼ିତ ଅନୁଷ୍ଠାନମାନଙ୍କରେ ଅଧିକ ତାଳପତ୍ର ପୋଥି ବା ପାଣ୍ଡୁଲିପି ଆଦି ରହିଥିବା ପଞ୍ଜିକରଣ କରାଯାଇଛି, ସେସବୁକୁ ପ୍ରଥମେ ସର୍ବେକ୍ଷଣ କରାଯିବ। ସେହିପରି ଯେଉଁ ବ୍ୟକ୍ତିମାନଙ୍କ ପାଖରେ ମଧ୍ୟ ଏସବୁ ଅଧିକ ରହିଥିବା ପଞ୍ଜିକୃତ ହୋଇଛି, ସେମାନଙ୍କ ପାଖକୁ ଯାଇ ମଧ୍ୟ ସର୍ବେକ୍ଷଣ କରାଯିବ। ପର୍ଯ୍ୟାୟକ୍ରମେ ପଞ୍ଜିକୃତ ଅନ୍ୟ ସମସ୍ତ ପାଖରେ ଥିବା ସଂପର୍କରେ ସର୍ବେକ୍ଷଣ କରାଯିବ। ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ମଠ, ମନ୍ଦିର, ଲାଇବ୍ରେରୀ ଓ ବ୍ୟକ୍ତିଗତ ସଂଗ୍ରହରେ ଥିବା ସମସ୍ତ ପୋଥିକୁ 'ଜ୍ଞାନ ଭାରତମ' ମୋବାଇଲ ଆପ ମାଧ୍ୟମରେ ପଞ୍ଜିକୃତ କରାଯିବାକୁ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ପଞ୍ଜିକରଣ କରି ନପାରିବେ, ସେମାନଙ୍କ ପାଖକୁ ସଂସ୍କୃତି ବିଭାଗ ପକ୍ଷରୁ ସର୍ବେକ୍ଷଣ ପାଇଁ ଅଧିକାରୀ ବା କର୍ମଚାରୀ ଯିବେ । ଏହି ମିଶନରେ ସର୍ବେକ୍ଷଣ କାର୍ଯ୍ୟ ୨୦୨୬ ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇଥିବା ବେଳେ ତିନି ମାସ ପର୍ଯ୍ୟନ୍ତ ଚାଲୁ ରହିବ। ଏ ସଂପର୍କରେ ସମସ୍ତ ଜନସାଧାରଣଙ୍କୁ ସୂଚନା ଓ ସଚେତନ କରାଯାଇଛି । ଗଞ୍ଜାମ, ଭଦ୍ରକ, କଟକ, ପୁରୀ ଓ ନୟାଗଡ଼ ଜିଲ୍ଲାରୁ ଅଧିକ ତାଳପତ୍ର ପୋଥି ଓ ପାଣ୍ଡୁଲିପି ପଞ୍ଜିକରଣ ହୋଇଛି । ସର୍ଭେ କାର୍ଯ୍ୟକୁ ସେସବୁ ଜିଲ୍ଲାରେ ସର୍ବେକ୍ଷଣ ଅଧିକ ବ୍ୟାପକ କରିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ସର୍ବେକ୍ଷଣ କାର୍ଯ୍ୟ ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ପଞ୍ଜିକୃତ ହୋଇଥିବା ତାଳପତ୍ର ପୋଥି ଓ ପାଣ୍ଡୁଲିପିକୁ ଜିଲ୍ଲାୱାରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ସାଧାରଣ ଜନତା ଏବଂ ବିଭିନ୍ନ ଅନୁଷ୍ଠାନକୁ ସଚେତନ କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଯେଉଁ ବ୍ୟକ୍ତି ବା ସଂସ୍ଥା ନିଜ ପାଖରେ ଥିବା ପୋଥିଗୁଡ଼ିକୁ ସଂସ୍କୃତି ବିଭାଗକୁ ସ୍ଥାୟୀ ଭାବେ ହସ୍ତାନ୍ତର କରିବାକୁ ଚାହୁଁନାହାଁନ୍ତି, ସେମାନେ କେବଳ ଡିଜିଟାଇଜେସନ ପାଇଁ ରାଜ୍ୟ ସଂଗ୍ରହାଳୟକୁ ସାମୟିକ ଭାବେ ପ୍ରଦାନ କରିପାରିବେ କିମ୍ବା ସେମାନଙ୍କ ସ୍ଥାନକୁ ଡିଜିଟାଇଜେସନ ଦଳ ଯାଇ ଏହି କାର୍ଯ୍ୟ ସମ୍ପାଦନ କରିବେ। ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ଘୋଷଣା କରିଛନ୍ତି । ଯାହା ଆମର ସାଂସ୍କୃତିକ ଜ୍ଞାନ ପରମ୍ପରାର ପରିବୃଦ୍ଧି ଓ ସଂରକ୍ଷଣ ଦିଗରେ ପଦକ୍ଷେପ ହୋଇଛି । ତାଳପତ୍ର ପୋଥି ଓ ପାଣ୍ଡୁଲିପି ସଂଗ୍ରହ କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଆବଶ୍ୟକତା ରହୁଥିବାରୁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯିବ । ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ସର୍ବେକ୍ଷଣ କାର୍ଯ୍ୟ ପାଇଁ ସମନ୍ୱୟ ଦାୟିତ୍ୱ ଦିଆଯିବ । ସର୍ଭେ କାର୍ଯ୍ୟର ନିୟମିତ ତଦାରଖ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ସରକାରୀ ଜମି ଭଡ଼ା ଲାଗିବା ମାମଲା

# ସତ୍ୟପାଠ ଦାଖଲ ପାଇଁ ଥାନା ଆଇଆଇସି, ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ହାଇକୋର୍ଟ ନୋଟିସ୍

**କଟକ, ୧୯/୦୪**
**ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ସହରରେ ସରକାରୀ ଜମି ଭଡ଼ାରେ ଦିଆଯାଉଥିବା ପ୍ରସଙ୍ଗ ନେଇ ଦାୟର ମାମଲାରେ ଭରତପୁର ଥାନା ଆଇଆଇସି, ଭୁବନେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଭରତପୁର ଥାନା ଆଇଆଇସିଙ୍କ ପକ୍ଷରୁ ଦାଖଲ ତଥ୍ୟ ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀଙ୍କ ଲିଖିତ ରିପୋର୍ଟ ଆଧାରରେ ଭରତପୁର ଥାନାରେ ଏପ୍ରିଲ୍ ୧୧ରେ ଏତଲା ପଞ୍ଜୀକରଣ କରାଯାଇଛି ଓ ତଦନ୍ତ ଚାଲିଛି ବୋଲି ତଥ୍ୟରେ ଉଲ୍ଲେଖ କରାଯାଇଥିଲା। ଶୁଣାଣି ସମୟରେ ଭରତପୁର ଥାନା ଆଇଆଇସିଙ୍କ ତଥ୍ୟକୁ ନେଇ ପ୍ରଶ୍ନ ଉଠିଥିଲା। କୌଣସି ମାମଲା ପଞ୍ଜୀକରଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇ ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିରେ କେତେବେଳେ ମାମଲା ପଞ୍ଜୀକରଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଭରତପୁର ଥାନା ଆଇଆଇସିଙ୍କୁ ହାଇକୋର୍ଟ କହିଛନ୍ତି। ଏଥି ସହିତ ମାମଲାରେ ଉଲ୍ଲେଖ ନିର୍ଦ୍ଦିଷ୍ଟ ଜମି ସହିତ ନିକଟବର୍ତ୍ତୀ ଜମିର ସ୍ଥିତି ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଭୁବନେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ପାଳନ କରି ରିପୋର୍ଟ ଦାଖଲ କରାଯାଇ ନଥିବା ଶୁଣାଣି ବେଳେ ଜଣାପଡ଼ିଥିଲା। ଏହାପରେ ହାଇକୋର୍ଟ ତହସିଲଦାର ଓ ଉପଜିଲ୍ଲାପାଳଙ୍କୁ ନୋଟିସ୍ ଜାରି କରିବା ସହିତ ମାର୍ଚ୍ଚ ୩୦ର ନିର୍ଦ୍ଦେଶ ଅନୁସାରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଏପ୍ରିଲ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ସମ୍ ହସ୍ପିଟାଲ ନିକଟରେ ଥିବା ଏକ ସରକାରୀ ଜମିକୁ ଭଡ଼ା ସୂତ୍ରରେ ନେଇ ଆବେଦନକାରୀ ହୋଟେଲ କରିଥିଲେ। ତିନି ବର୍ଷ ପାଇଁ ମାସିକ ୨୭ ହଜାର ଟଙ୍କା ଭଡାରେ ନେବା ପାଇଁ ଆବେଦନକାରୀ ଜମିର ତଥାକଥିତ ଦାଖଲକାରୀଙ୍କ ସହିତ ଚୁକ୍ତି କରିଥିଲେ। ଆବେଦନକାରୀ ଦେଢ଼ ଲକ୍ଷ ଟଙ୍କା ମଧ୍ୟ ଅଗ୍ରୀମ ଆକାରରେ ଦେଇଥିଲେ। ଗତ ଜାନୁଆରୀ ମାସରେ ସଂପୃକ୍ତ ବ୍ୟକ୍ତି ହୋଟେଲକୁ ଆସି ମାସିକ ଭଡ଼ା ୩୦ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କିନ୍ତୁ ତିନିବର୍ଷର ଚୁକ୍ତି ଅବଧି ଶେଷ ହୋଇ ନଥିବା ଆବେଦନକାରୀ କହିବାରୁ ସଂପୃକ୍ତ ବ୍ୟକ୍ତି ତାଙ୍କୁ ଗାଳି କରିବା ସହିତ ଧମକ ଦେଇଥିଲେ। ଏ ନେଇ ଆବେଦନକାରୀ ଭରତପୁର ଥାନାରେ ଜଣାଇଥିଲେ। କିନ୍ତୁ ପୁଲିସ ବର୍ଦ୍ଧିତ ଭଡା ଦେବାକୁ ପରାମର୍ଶ ଦେଇଥିଲା। ପରବର୍ତ୍ତୀ ସମୟରେ ସଂପୃକ୍ତ ବ୍ୟକ୍ତି ଆବେଦନକାରୀଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଭରତପୁର ଥାନା ଆଇଆଇସି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଆବେଦନକାରୀ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏହାପରେ ପୁଲିସ ନିଷ୍କ୍ରିୟତାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ।

# ହାଇୱେ ପାର୍ଶ୍ୱରୁ ବେଆଇନ ଜବରଦଖଲ ଉଚ୍ଛେଦ କର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯/୦୪**

ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରେ ବର୍ଦ୍ଧିତ ଦୁର୍ଘଟଣା, ବେଆଇନ ଜବରଦଖଲ, ଅବୈଧ ପାର୍କିଂ ଏବଂ ମୌଳିକ ସୁରକ୍ଷା ଭିତ୍ତିଭୂମିର ଅଭାବ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି ସୁପ୍ରିମକୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ ସମ୍ବିଧାନର ଧାରା ୨୧ ଅନୁଯାୟୀ ଯାତ୍ରୀ ସୁରକ୍ଷା ସମ୍ମାନର ସହିତ ବଞ୍ଚିବାର ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପ୍ରଶାସନିକ ଅବହେଳା ଏବଂ ଭିତ୍ତିଭୂମିଗତ ତ୍ରୁଟି ଯୋଗୁଁ ହାଇ-ସ୍ପିଡ୍ ଏକ୍ସପ୍ରେସୱେ ବିପଦ କରିଡର ହୋଇପାରିବ ନାହିଁ। ତେଣୁ ୬୦ ଦିନ ଭିତରେ ହାଇୱେ ପାର୍ଶ୍ୱରୁ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଉ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୪/୨୦୨୬
୫,୬୭,୪୩୦/- ଟଙ୍କା
ସୁନା:-୦୮ଗ୍ରାମ୍‌୪୫୦ ମିଲିଗ୍ରାମ
ରୂପା:-୧୫୬ଗ୍ରାମ୍‌୪୦୦ ମିଲିଗ୍ରାମ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରୀ ବାସଭବନରେ ଆଲୋଚନା କରିବା ଅବସରରେ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଚାଷୀଙ୍କ ମହାପର୍ବରେ କଟକରେ ଅଖିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ

**କଟକ, ୧୯/୦୪ ନ୍ୟୁଜ ବ୍ୟୁରୋ**

ସୋମବାର ଚାଷୀଙ୍କ ମହାପର୍ବ ଅକ୍ଷୟ ତୃତୀୟାରେ କଟକରେ ଅଖିମୁଠି ଅନୁକୂଳ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଦ୍ୟାଧରପୁରସ୍ଥିତ ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରରେ (ଏନ୍‌ଆରଆରଆଇ) ମୁଖ୍ୟମନ୍ତ୍ରୀ ପ୍ରାୟ ସକାଳ ୮. ୪୫ରେ ଆସି ପହଞ୍ଚିବେ। ସେଠାରେ ସକାଳ ୯.୧୦ରୁ ୯.୪୦ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଏହି ଅବସରରେ ସେଠାରେ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିବେ । ଏହାପରେ ସଭାର ଆୟୋଜନ ହେବ । ଏଥିରେ ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଏନ୍‌ଆରଆରଆଇ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିବେ । ଏହି ସଭାରେ ବଡ଼ମ୍ବାର ଆଖୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ସଭା ପରେ 'କୃଷି ରଥ'କୁ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ଓ ଏହା ପରେ ବିହନ ବୁଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ଚାଷୀ ଅଖି ମୁଠି ଅନୁକୁଳ କରିବେ । ଜମିରେ ବିହନ ବୁଣିବେ । ଖରିଫରେ ଚାଷ କାମ ଏପ୍ରିଲରୁ ଆରମ୍ଭ ହୋଇ ସେପ୍ଟେମ୍ବରରେ ସରିବ। ହେଲେ ଏବେ ରାଜ୍ୟରେ ଚାଷୀଙ୍କ ପାଖରେ ପହଞ୍ଚି ପାରିନି ସରକାରୀ ବିହନ । ରାଜ୍ୟର ବିଭିନ୍ନ ଜିଲ୍ଲାରେ କୃଷି ଅଧିକାରୀଙ୍କ ନିକଟରେ ବିହନ ଗଚ୍ଛିତ ହୋଇ ଥିଲେ ମଧ୍ୟ ତାହା ଚାଷୀଙ୍କ ନିକଟରେ ପହଞ୍ଚି ପାରିନି । ଏଭଳି ସ୍ଥିତିରେ ଚାଷୀ କେମିତି ଅକ୍ଷୟ ତୃତୀୟା ପରେ ବିହନ ବୁଣିବ, ତାକୁ ନେଇ ଚିନ୍ତାରେ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



10001/69/2627

## ଅଂଶୁଘାତ ସତର୍କତା



### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR -10001/10003/2/26-27/0005

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/